ଟିପ୍ପଣୀ

# ଏକକ-୧ କଳା ତଥା କଳାଶିକ୍ଷା(ସିଦ୍ଧାନ୍ତ)କୁ ବୁଝିବା

## ସଂରଚନା

୧.୦ ଉପକ୍ରମ

୧.୧ ଶିକ୍ଷଣ ଉଦ୍ଦେଶ୍ୟ

୧.୨ କଳାଶିକ୍ଷାର ଅର୍ଥ ଓ ଧାରଣା

୧.୩. ପ୍ରାରମ୍ଭିକ ସ୍ତରରେ କଳାଶିକ୍ଷାର ଗୁରୁତ୍ୱ

୧.୪ ଆଞ୍ଚଳିକ କଳା ଏବଂ ହସ୍ତକଳା (ଆଞ୍ଚଳିକ ସ୍ତରର) ସମ୍ବନ୍ଧୀୟ ଜ୍ଞାନ ଏବଂ ଏହାର ଶିକ୍ଷାରେ ଏହାର ପ୍ରାସଙ୍ଗିକତା

୧.୫ ସମସାମୟିକ କଳା ଓ କଳାକାର ତଥା ଦୃଶ୍ୟ ଓ ଅଭିନୟ କଳାର କଳାତ୍ମକ ଜ୍ଞାନ

୧.୬ ସାରାଂଶ

୧.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧.୮ ପାଠାନ୍ତ ପ୍ରଶ୍ନାବଳୀ

## ୧.୦ ଉପକ୍ରମ

ଶିଶୁ ଏ ଦୁନିଆରେ କିଛି ସହଜାତ ଗୁଣ ସହ ଜନ୍ମ ନେଇଥାଏ । ସେ ପ୍ରାକୃତିକ ଉପାୟରେ ମଧ୍ୟ ପ୍ରଥମେ ଶିକ୍ଷାଲାଭ କରିଥାଏ । ଶିଶୁର ପ୍ରଥମ ଭାଷା ଆମେ ତାକୁ କହୁଥିବା ଶବ୍ଦବିନ୍ୟାସ ନୁହେଁ । ଶିଶୁର ଶିକ୍ଷା ଅକ୍ଷର (ବର୍ଣ୍ଣ) ଓ ଗଣନ ସଂଖ୍ୟାରୁ ଆରମ୍ଭ ହୋଇ ନ ଥାଏ । ପୁସ୍ତକ ଓ ତଥ୍ୟ, ସ୍କୁଲ ଓ ଶ୍ରେଣୀରୁ ମଧ୍ୟ ହୋଇନଥାଏ । ପ୍ରକୃତ ଶିକ୍ଷା ତାହାର ପରିବେଶ ଓ ଦୃଶ୍ୟମାନ ବସ୍ତୁ, ଶୁଭୁଥିବା ଶବ୍ଦ ପୁଞ୍ଜରୁ ହିଁ ହୋଇଥାଏ । ତାହାର ଚତୁଃପାର୍ଶ୍ୱର ପରିବେଶରେ ଘଟୁଥିବା ନାନା ଘଟଣା ରୁ ହିଁ ଶିକ୍ଷା ଶିଶୁର ମନ ଓ ମାନସିକତା କୁ ପ୍ରଭାବିତ କରିଥାଏ । ଶିଶୁ ଯେଉଁ ଶବ୍ଦ ସବୁ ଶୁଣେ ତାହାକୁ ଅନୁକରଣ କରେ ଓ କହେ । ପିଲାଟି ତାଳିମାରେ ଓ ଆନନ୍ଦରେ ହସେ । ଯାହା ଦେଖେ ତାହାକୁ ଅବିକଳ ନିଜେ କରିବାରେ ଆନନ୍ଦ ପାଏ । ସଙ୍ଗୀତ ଶୁଣି, ସୁନ୍ଦର ସ୍ମିତହାସ କୁ ଦେଖିଦେଖି, ସ୍ପର୍ଶର ଅନୁଭୂତିରୁ ପିଲାଟି ଆପେଆପେ ଆକସ୍ମିକ ପ୍ରତିଉତ୍ତର ଦେଇଥାଏ । ଅନ୍ୟପକ୍ଷରେ ଘଡଘଡିର ଶବ୍ଦ, ବିଜୁଳିର ଚମକ ଏବଂ ପ୍ରହାର ଅବା ଘୃଣା ଯୁକ୍ତ ବ୍ୟବହାର ପ୍ରତି ତାହାର ଅରୁଚି ପ୍ରକାଶିତ ହୋଇଥାଏ । ସେ ସ୍ତମ୍ଭିଭୂତ ହୋଇଥାଏ ଓ ଖୁବ୍ ଜୋର୍‌ରେ ପାଟି କରିଥାଏ ।

ଏହିପରି ହେଉଥିବା ଧାରାବାହିକ ଘଟଣା ମଝିରେ ଶିଶୁର ଜାଣିବା, ଶିଖିବା ଓ ଖୋଜିବା ଆରମ୍ଭ ହୋଇଥାଏ, ଯାହାଦ୍ୱାରା ଶିକ୍ଷଣର ଆରମ୍ଭ ଦୃଶ୍ୟ ଏବଂ ଉପସ୍ଥାପନା କଳା (Performing art) ଦ୍ୱାରା ହିଁ ସଂପାଦିତ ହୋଇଥାଏ ।

**କଳା (Art) କାହାକୁ କହନ୍ତି ?** ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ମତଅନୁସାରେ କଳା ହେଉଅଛି ବାସ୍ତବତା ପ୍ରତି ବ୍ୟକ୍ତିର ସୃଜନାତ୍ମକ ଆତ୍ମାର ଆହ୍ୱାନ / ଡାକ ।

## ୧.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକକୁ ଅଧ୍ୟୟନ କରିବା ଦ୍ୱାରା ତୁମେ -

- ଦୃଶ୍ୟ ଓ ଅଭିନୟ କଳା ସମ୍ବନ୍ଧରେ ବ୍ୟାଖ୍ୟା କରିପାରିବ ।
- ଆମର ଆଞ୍ଚଳିକ କଳାତ୍ମକ ରୂପ : ସଙ୍ଗୀତ, ନୃତ୍ୟ, କଣ୍ଢେଇ ନାଚ ଆଦି ବିଷୟରେ ସଚେତନତାର ବିକାଶ ଏବଂ ସ୍ଥାନୀୟ କଳା ଓ ଆଞ୍ଚଳିକ କଳା ପ୍ରତି ଭଲ ପାଇବାର ବିକାଶ କରିପାରିବ ।

ଟିପ୍ପଣୀ

- ଯୋଗାଯୋଗ କରିବା ଧାରଣାଗୁଡିକର ବିବିଧ ଉପାୟମାନଙ୍କର ବିଶ୍ଳେଷଣ କରିପାରିବ ।
- ଦୈନନ୍ଦିନ ଶିକ୍ଷାଦାନରେ ନିୟମିତ ପାଠ୍ୟକ୍ରମ ପରିଚାଳନା ନିମିତ୍ତ କଳା କାର୍ଯ୍ୟଗୁଡିକ ଆପଣ କଳାର ସମ୍ବନ୍ଧ ନିୟମିତ ପାଠ୍ୟକ୍ରମ ସହିତ ସହ ସମ୍ବନ୍ଧିତ କରିପାରିବ ।
- ଗୋଟିଏ ପିଲାର ସୃଜନାତ୍ମକ ଦକ୍ଷତାକୁ ଶାଣିତ କରିବା ଓ ସ୍ୱନିର୍ଦ୍ଦେଶିତ ଶିକ୍ଷଣକୁ ଉତ୍ସାହିତ କିପରି କଳାକାର୍ଯ୍ୟଗୁଡିକ କରିଥାଏ ତାହା ବୁଝାଇ ପାରିବ । ଏହା ଦୃଷ୍ଟିକୁ ଅଭିନବ ଓ ବିକଶିତ କରିଥାଏ ।
- ସ୍ୱାଭିମାନ, ଆତ୍ମଶୃଙ୍ଖଳା, ଉତ୍ତମ ମନ ଯୋଗ ଇତ୍ୟାଦି ଭଳି ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟଗୁଡିକୁ ଅଭିବୃଦ୍ଧି କରିବାରେ କଳାର ଗୁରୁତ୍ୱକୁ ବିଶ୍ଳେଷଣ କରିପାରିବ ।

ବିଶେଷତଃ ଯେଉଁଠାରେ କଳାଶିକ୍ଷା ଅନ୍ତର୍ଭୁକ୍ତ ପିଲାମାନେ ସେହି ସ୍କୁଲରେ କାହିଁକି ଭଲ କରନ୍ତି ? କଳାଶିକ୍ଷା ଆମ୍ଭମାନଙ୍କୁ ବହୁପ୍ରକାର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିଥାଏ । ସେଗୁଡିକ ହେଲା :-




## ୧.୨ କଳାଶିକ୍ଷାର ଅର୍ଥ ଓ ଧାରଣା

### ୧.୨.୧ କଳାଶିକ୍ଷା କ'ଣ ?

କଳାଶିକ୍ଷା ଶିକ୍ଷଣ ନିମିତ୍ତ ଏକ ପ୍ରାଥମିକ ବାଟ, ସୌନ୍ଦର୍ଯ୍ୟାନୁଭୂତି ନିମିତ୍ତ ଶିକ୍ଷାଦାନ ଅର୍ଥରେ ଆବିଷ୍କାରର ଏକ ଯାତ୍ରା । ମାନବୀୟ କଳ୍ପନା, ଦକ୍ଷତା/କୌଶଳ ଏବଂ ଉଦ୍ଭାବନ ଦ୍ୱାରା ସୃଷ୍ଟ ଧାରଣା ଗୁଡିକର ପରିପ୍ରକାଶ ହିଁ କଳା । କଥାରେ ଅଛି ଗୀତ ଯାହା ଅନୁଭବର ଶବ୍ଦଭଳି । ସେହି ଭଳି ଏହା ଅନ୍ୟକଳା ରୂପଗୁଡିକ ପାଇଁ ପ୍ରଯୁଜ୍ୟ । ଚାଲିଚଳନ ଆବେଗକୁ ପ୍ରଦର୍ଶିତ କରେ, ସ୍ୱରର ଉତ୍‌ଥାନ ପତନ ଅନ୍ତର୍ନିହିତ ସତ୍ତା ଆଡକୁ ବାଟ କଢାଇନିଏ, ଚିତ୍ରାଙ୍କନ ମସ୍ତିଷ୍କର ଅନ୍ତର୍ନିହିତ ସ୍ତରକୁ ଉନ୍ମୋଚିତ କରେ, ଭାସ୍କର୍ଯ୍ୟ ଅନ୍ତର୍ନିହିତ ସତ୍ତାର ଦର୍ପଣ ........... ଏହା ହିଁ କଳା ଶିକ୍ଷା । ଏହା ଯେଉଁଥି ପାଇଁ ଆମେ କଳା ଶିକ୍ଷା ଆବଶ୍ୟକ କରୁ । କଳା ଶିକ୍ଷା ଶିକ୍ଷଣର ଏକ କ୍ଷେତ୍ର ଯାହା ଆଧାରିତ ହୋଇଥାଏ :

- ଦୃଶ୍ୟ, ସ୍ପର୍ଶନୀୟ କଳା
- ଅଭିନୟ କଳା ଦୃଶ୍ୟ

### ୧.୨.୨ ଦୃଶ୍ୟ (the visual)-

ଏକ କଳାକାର କାଗଜ, କାନଭାସ, ମାଟି/ପ୍ଲାଷ୍ଟର ପ୍ୟାରିସ, ଦ୍ରବ୍ୟ ରଙ୍ଗକୁ ବିଭିନ୍ନ ରୂପରେ ରୂପାନ୍ତରିତ କରି ଏବଂ ସେଗୁଡିକୁ ପ୍ରାକୃତିକ ରୂପରେ ଉପଯୋଗ କରି କିଛି ସୃଜନାତ୍ମକ/ଭୌତିକ କଳା ବସ୍ତୁର ନିର୍ମାଣ କରିପାରିବ ।

୧. ଚିତ୍ରାଙ୍କନ କରିବା





ଟିପ୍ପଣୀ

୨. ରଙ୍ଗଦେବା

୩. ଭାସ୍କର ବିଦ୍ୟା

୪. ପରିକଳ୍ପନା (ଗହଣା, ଲୁଗାବୁଣା, ମାଟିକାମ, ଗଢଣ ଇତ୍ୟାଦି ଏବଂ ଅଧିକ ବ୍ୟବହାରିକ କ୍ଷେତ୍ର ପାଇଁ ପ୍ରଜୁର୍ଯ୍ୟ ପରିକଳ୍ପନା ଯଥା ବ୍ୟବସାୟିକ ଚିତ୍ରକଳା ଏବଂ ଗୃହ ସରଞ୍ଜାମ)

୫. ସମକାଳୀନ ବିଷୟ ଯେପରି ଫଟୋଗ୍ରାଫି, ଭିଡିଓ, ଫିଲ୍ମ ଡିଜାଇନ୍, ଚିତ୍ରାଙ୍କନ, କମ୍ପ୍ୟୁଟର, କଳା ଇତ୍ୟାଦି

ଆମର ଚତୁଃପାର୍ଶ୍ୱରେ କଳା ବିଦ୍ୟମାନ। ଯେପରି ପେଣ୍ଟିଂ, ଆର୍କିଟେଚର୍, ପୋଟରି, ଭାସ୍କର୍ଯ୍ୟବିଦ୍ୟା ଇତ୍ୟାଦି। ଆମର ଆର୍କିଟେକ୍ଟ ଆମ ଘର ଭିତରର ବାସ୍ତୁକଳା । ଆମେ ବସ୍ତୁର ଧାରଣ ଯେପରି କରୁ ଓ ଆମ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରୁ ସେହି ଢଙ୍ଗରେ ଠିକ୍ ସେହିପରି କରିଥାନ୍ତି। ଯେପରି ଢଙ୍ଗରେ ଆମେ ଛିଡା ହେଉ, ଯେପରି ବସୁ, ଯେପରି କଥାବାର୍ତ୍ତା କରୁ ଅଥବା ବ୍ୟକ୍ତିତ୍ୱକୁ ପରିପ୍ରକାଶ କରୁ ଏ ସବୁ କଳାର ଗୋଟିଏ ଗୋଟିଏ ରୂପ ଅଟେ। ଆଜି ଆମର ପ୍ରତି ପର୍ବପର୍ବାଣିରେ ଯେପରି ସୌନ୍ଦର୍ଯ୍ୟବୋଧ ପରିସ୍ଫୁଟିତ ହୋଇଥାଏ ତାହା କଳାର ରୂପ ଅଟେ। ଦୀପାବଳି ଅବସରରେ ଆମଘରର ସାଜସଜା, ଦଶହରା ଅବସରରେ ଯେପରି ଦେବୀ ଓ ରାବଣାଦିର ବେଶଭୂଷା, ଦୁର୍ଗାମାତାଙ୍କର ତିଆରି ହୋଇଥିବା ପ୍ରତିମା ଯାହା ବିଭିନ୍ନ ଆକାର ପ୍ରକାର ଶୈଳୀ - ଏ ସବୁ ପ୍ରକାଶିତ କରେ କି ଆମେ କଳା ବିନା ନିଜର ଜୀବନକୁ ଠିକ୍ ଢଙ୍ଗରେ ପ୍ରକାଶିତ କରିବା ଅସମ୍ଭବ। ଦୃଶ୍ୟକଳାରେ ଧାରଣା କୌଶଳର ଜ୍ଞାନ ଆମ ସଂସ୍କୃତି, ପରମ୍ପରା, ପ୍ରଥା ଆଦିକୁ ପିଢି ପରେ ପିଢି ହସ୍ତାନ୍ତର କରିବାରେ ସାହାଯ୍ୟ କରିପାରିବ ।

ଏକ ଶିକ୍ଷକ ଭାବରେ ତୁମକୁ ଫଟୋଗ୍ରାଫି, ଚିନାମାଟି କାମ, ଧାତବ ପଦାର୍ଥର କାମ, କଳାତ୍ମକ ରଚନା ଭଳି ବିବିଧ କଳାତ୍ମକ କାର୍ଯ୍ୟକୁ ଆବିଷ୍କାର କରିବା ପାଇଁ ତୁମ ପିଲାମାନଙ୍କୁ ଆଗେଇ ନେବାକୁ ହେବ । ଯେତେବେଳେ ୩୫-୪୦ ଜଣ ପିଲା ଶ୍ରେଣୀରେ ଗୋଟିଏ କାସ୍ଲେଟ ବା କଳାକୃତ ସଜ୍ଜୀକରଣରେ ଚେଷ୍ଟିତ ଥାଆନ୍ତି ତୁମେ ଦେଖିପାରିବ ଯେ କେତେ ପ୍ରକାରର ଶୈଳୀ ଓ ରୂପ ସୃଷ୍ଟି ହୋଇପାରିଛି । ଏଗୁଡିକର ପ୍ରଦର୍ଶନ ଆଉ ଏକ କଳା ପ୍ରଦର୍ଶନୀ ଅଟେ ।

### ୧.୨.୩ ଅଭିନୟ କଳା କ'ଣ?

- କଳାକାର ନିଜର ଶରୀର, ଚେହେରା ଏବଂ ଉପସ୍ଥିତିକୁ କଳାର ଏକ ମାଧ୍ୟମ ରୂପେ ବ୍ୟବହାର କରନ୍ତି ।
- ଏହା ହେଉଛି ସେହି କଳା ଯାହା ଅଭିନିତ ହୁଏ, ଦେଖି ହୁଏ ଓ ଶୁଣି ହୋଇଥାଏ ।

ସାଧାରଣତଃ ଗ୍ରହଣ କରାଯାଇଥିବା ଓ ବୁଝି ହେଉଥିବା ବିଭିନ୍ନ ପ୍ରକାର ଅଭିନୟ କଳା ହେଉଛି-

- ନାଟ୍ୟଶାଳା
- ସଙ୍ଗୀତ
- ନୃତ୍ୟ
- କଣ୍ଢେଇନାଚ

ଟିପ୍ପଣୀ

କିନ୍ତୁ ଅନ୍ୟ କେତେକ ହେଲା -




କଳାକାର, ଯିଏ ଦର୍ଶକ/ଶ୍ରୋତାଙ୍କ ସାମନାରେ ଅଭିନୟ କଳାରେ ଅଂଶଗ୍ରହଣ କରିଥାଏ ତାହାକୁ ପ୍ରଦର୍ଶନକାରୀ କୁହାଯାଏ । ଏମାନେ ସେହି ଲୋକ ଯିଏ କି ଆକ୍ଟର **(Actor)**, କମେଡିଆନ **(Commedian)**, ନର୍ତ୍ତକ **(Dancer)**, ସଙ୍ଗୀତଜ୍ଞ **(Musician)**, ଗାୟକ **(Singer)** ଓ କଣ୍ଢେଇ ନର୍ତ୍ତକ **(Puppet dancer)** ଇତ୍ୟାଦି । ଜଣେ ସଫଳ ଶିକ୍ଷକଙ୍କର ମୁଖ୍ୟ ଗୁଣାବଳୀ ହେଉଅଛି ସିଏ ଜଣେ ଭଲ ଉପସ୍ଥାପନକାରୀ **(Good performer)** । ସିଏ କେବଳ ଔପଚାରିକ ଶିକ୍ଷା ମାଧ୍ୟମରେ ନୁହେଁ ବ୍ୟକ୍ତିଗତ ଆଗ୍ରହ ଏବଂ ଦକ୍ଷତା ଦ୍ୱାରା ମଧ୍ୟ ଭଲଶିକ୍ଷା ଦେଇପାରିବେ । ଭାରତରେ ଅନେକ ସଂସ୍କୃତି ସମ୍ପନ୍ନ ଜାତି ବା ଧର୍ମର ଲୋକ ଅଛନ୍ତି । ଭାରତର ବିଭିନ୍ନ ସଂସ୍କୃତି ତଥା ପ୍ରାକୃତିକ ବସ୍ତୁର ପ୍ରଭାବ ଆମ ଜୀବନ ଉପରେ ତଥା ଜୀବନର ବିକାଶ ଉପରେ ପଡିଥାଏ । ଏହା ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରେ ଯେଉଁଠାରେ ପିଲାଟି ଦୈନନ୍ଦିନ ଜୀବନର ବିଭିନ୍ନ କଳାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କରେ ଯାହା ଆତ୍ମବିକାଶ ଓ ଶିକ୍ଷା ପାଇଁ କୈନ୍ଦ୍ରିକ ଅଟେ । କଳାର ବିଭିନ୍ନ କାର୍ଯ୍ୟବିଧି ସମ୍ମିଳିତ ହୋଇ ନିଜର ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣିଥାଏ । ଗୋଟିଏ ପିଲା ଜନ୍ମ ତଥା ଚାଟଶାଳୀରେ ପଢିବା ତାହାର ବ୍ରତଘର କିମ୍ୱା ବିବାହ ଆଦି ହେବା କିମ୍ୱା ବିଭିନ୍ନ ଉତ୍ସବାଦିରେ ଭାଗନେବା, ବାଡିବଗିଚାରେ ବିଭିନ୍ନ କିସମର ଫସଲ କରିବା, ତାହା ଅମଳ କରିବା ଓ ମୃତ୍ୟୁ ପରେ ଶ୍ରାଦ୍ଧ ସଂସ୍କାର କରିବା ଏସବୁ ଆମ ସଂସ୍କୃତିରେ ବିଭିନ୍ନ ପ୍ରକାର କଳାକୁ ନିରୂପିତ କରେ ଅବା ଦର୍ଶାଇଥାଏ । କଳା ସର୍ବଦା ଚେତନ ଓ ଅଚେତନ ମନରେ ଉପସ୍ଥିତ ଥାଏ । ଯେଉଁକାରଣରୁ ଉପଯୁକ୍ତ ରୂପରେ କଳାର ସୃଜନ ହୋଇଥାଏ । ଏବେ ଆସ ବୁଝିବା ଗୋଟିଏ ଉତ୍ସବର ପାଳନ କିପରି ଆମ ସଂସ୍କୃତିର ବିବିଧ ଦିଗକୁ ବୁଝିବାରେ ସାହାଯ୍ୟ କରିଥାଏ ।

**ଉଦାହରଣ -**

ପଞ୍ଜାବ ପ୍ରଦେଶରେ ଗହମ ଏକ ଶୀତକାଳୀନ ଫସଲ । ଅକ୍ଟୋବର ମାସ ବେଳକୁ ବିହନ ବୁଣାଯାଏ ଓ ମାର୍ଚ୍ଚ/ଏପ୍ରିଲ ବେଳକୁ ଫସଲ କଟାଯାଇଥାଏ । ଜାନୁୟାରୀ ମାସରେ କୃଷକ ନିଜ କ୍ଷେତରେ ସୁନେଲି ଫସଲକୁ ଦେଖି ଖୁସି ହୋଇଥାଏ ଏବଂ ଏକ ପର୍ବ ପାଳନ କରେ ଯାହାକୁ କହନ୍ତି 'ଲୋହରି' । ଲୋହରି ପର୍ବ ଫସଲ କଟାଇବା ଓ ତାହାକୁ ଏକାଠି କରିବାର ମାସ । ପଞ୍ଜାବ ପାଇଁ 'ଲୋହରି' ଖାଲି ଏକ ପର୍ବ ନୁହେଁ, ଏକ ଜୀବନ ଜୀଇଁବାର ମାଧ୍ୟମ । ଏହି ସମୟରେ ଶୀତକାଳ

ଟିପ୍ପଣୀ

ସରିଯାଇଥାଏ ଏବଂ ପୃଥିବୀ ସୂର୍ଯ୍ୟଙ୍କ ଆଡକୁ ଉତ୍ତରାୟଣ ଗତି କରିଥାଏ । ଏଇ ଶୁଭ ଅବସରକୁ 'ଲୋହରି' ପର୍ବପାଳନ କରାଯାଏ । ବାଦାମ **(Peanut),** ରିଓ୍ୱାରି, ଅଟା, ଲହୁଣି ଆଦି ଖାଦ୍ୟସାମଗ୍ରୀକୁ ଧାର୍ମିକ ସ୍ଥଳରେ ପ୍ରଦାନ କରି ସେମାନେ ଧନ୍ୟବାଦ ଦେବା ସହିତ ଖୁସିରେ କହନ୍ତି କି ଆପଣଙ୍କ ଦୟାରୁ ସୁନ୍ଦର ଫସଲ ହୋଇଅଛି । ଏହି ଧାର୍ମିକ ଅନୁଷ୍ଠାନ ପାଇଁ କାଠଖଣ୍ଡସବୁ ଉପରେ ରଖାଯାଏ ଓ ସେଥିରେ ନିଆଁ ଲଗାଇଦିଆଯାଏ । ଏହା ସହ କୃଷକ ମାନେ ଅଗ୍ନି ଦେବତାର ପୂଜା କରିଥାନ୍ତି । ଏହା ନିରୂପିତ କରେକି କ୍ଷେତରେ ନୂଆ ହୋଇ ଆସିଥିବା ଫସଲ ସେମାନଙ୍କୁ ଆଗାମୀ ଦିନରେ ଖୁସି ଆଣିଦେବ । କୃଷକମାନଙ୍କ ବନ୍ଧୁ ଓ ସମ୍ପର୍କୀୟ ଅଗ୍ନିର ଚତୁଃପାର୍ଶ୍ୱରେ ତିନିଥର ପରିକ୍ରମା କରନ୍ତି ଏବଂ ମକ୍କାର ପପ୍‌କର୍ଣ୍ଣ, ପିନଟ୍, ରେଓ୍ୱାରି ଓ ମିଠାଇ ଆଦିକୁ ଅଗ୍ନିରେ ସମର୍ପଣ କରିଥାଆନ୍ତି । ଶେଷରେ ପ୍ରସାଦ ଭାବେ ରାଶିତେଲ, ପିନଟ୍, ରିଓ୍ୱାରି, ପପ୍‌ଡ ରାଇସ (ମୁଢ଼ି), ପପ୍‌କର୍ଣ୍ଣ, ଗଜକ୍ ଏବଂ ଅନ୍ୟ ମିଠା ଆଦି ବଣ୍ଟାଯାଏ । ଇଏ ସବୁ କାର୍ଯ୍ୟରୁ ପିଲାଟିଏ କ'ଣ ବା ଶିଖିବ? ଏହି ଉତ୍ସବାଦିରେ ଆସୁଥିବା ଦୃଶ୍ୟମାନ ପିଲାମାନଙ୍କ ମନରେ ବସାବାନ୍ଧି ରହେ । ଯଦି ଏହି ଉତ୍ସବର ଉଚିତ୍ ଜ୍ଞାନ ପ୍ରଦାନ କରାଯିବ ତେବେ ପିଲାର ଜ୍ଞାନ ମଧ୍ୟ ସଂପୂର୍ଣ୍ଣ ହେବ । ଏହାଦ୍ୱାରା ପିଲାଟିକୁ ଏହି ଜ୍ଞାନ ମିଳିଥାଏ କି କିପରି ଋତୁ ବଦଳି ଥାଏ । ଜମିର ମହତ୍ତ୍ୱ କ'ଣ? ଫସଲକୁ କେବେ ଓ କିପରି ଲଗାଯିବ? କେବେ ପୁଣି କଟାଯିବ? ଖାଦ୍ୟପଦାର୍ଥ ଯେପରିକି ତେଲ, ପିନଟ୍, ରେଓ୍ୱାରି, ଶୀତକାଳରେ କାହିଁକି ଖାଆନ୍ତି? 'ଲୋହରି' ପର୍ବର ସମାଜରେ କି ମହତ୍ତ୍ୱ ରହିଅଛି । ଲୋକମାନେ କିପରି ଆନନ୍ଦ ଓ ଦୁଃଖ ଅନ୍ୟମାନଙ୍କୁ ଅଭିବ୍ୟକ୍ତ କରନ୍ତି? ଏହିପରି ଜଣେ ଶିକ୍ଷକ ପାଇଁ ଏହା ଆବଶ୍ୟକ ନୁହେଁ କି ଲୋହରି ପର୍ବ ପାଳନ କରିବାର ବିଭିନ୍ନ କଥା ଶ୍ରେଣୀକକ୍ଷକୁ ଆଣିବା । ଏହି ପର୍ବକୁ ଶ୍ରେଣୀକକ୍ଷବାହାରେ ପାଳନ କରି ଏଥିରୁ ସମସ୍ତ ଜ୍ଞାନ ଆଣିହେବ । ଲୋହରି ପର୍ବର ପୁରା ପ୍ରକ୍ରିୟାକୁ ଉପସ୍ଥାପିତ କଳାର ଜ୍ଞାନ ଏବଂ ଏହିପରି ଭାବରେ ନୃତ୍ୟ, ଲୋକନୃତ୍ୟ ଶରୀରକୁ ସକ୍ରିୟ ଏବଂ ଶକ୍ତିଦାୟକ ରଖିଥାଏ । ଏହିପରି ଭାବରେ ଆମ୍ଭେମାନେ ଶାରୀରକ ଓ ମାନସିକ ଅଭିବୃଦ୍ଧିର ଅବଲୋକନ ଏହି ପର୍ବରେ କରିଥାଉ । ଏହା ସହିତ ଆକର୍ଷକ ଫିଲ୍‌ମ ଆମର ଜୀବନଧାର ବିଭିନ୍ନ ପାର୍ଶ୍ୱକୁ ଦର୍ଶାଇଥାଏ । ଆମ୍ଭେମାନେ ଏହି ସବୁଥିରୁ କିଛି ଅନୁଭୂତି ଆଣିପାରିବା କି?

ଏଥିନିମିତ୍ତ ଶିକ୍ଷକମାନେ ଆସନ୍ତୁ ଏବେ ଆମ୍ଭେମାନେ ଏହାକୁ ଅନୁସରଣ କରିବା ରବୀନ୍ଦ୍ରନାଥଙ୍କ ଭଳି ବିଖ୍ୟାତ କବି ଜୀବନ ବିଷୟରେ କି ଚିନ୍ତା କରି ଅଛନ୍ତି? "ଆମେ ଲେଖିଲୁ, ଆମେ ଗୀତ ଗାଇଲୁ, ଆମେମାନେ ଅଭିନୟ କଲୁ ଏବଂ ଆମେମାନେ ନିଜକୁ ହଜାଇଦେଲୁ । ସବୁଥିରେ ଆମେମାନେ ମଜ୍ଜିଗଲୁ ।" ଏଥିରେ ଅତିଶୟ ଉନ୍ମାଦନା ଓ ସଂସ୍କୃତିକ ସମୃଦ୍ଧ ଭରି ରହିଥିଲା ।

**ନିଜ ଅଗ୍ରଗତି ଆକଳନ- ୧**

କ) ଠିକ୍ (✔) କିମ୍ବା ଭୁଲ୍ (✘) ଦର୍ଶାଅ

**I)** ଗହଣା ତିଆରି, ଗରମ ପାଇଁ ରେଜେଇ ତିଆରି, କାଠିରେ କାରୁକାର୍ଯ୍ୟ, ମୁରୁଜରେ ରଙ୍ଗୀନ ଚିତ୍ର କରିବା ଆଦି ହସ୍ତ କଳା ଅଟେ । (ଠିକ୍/ଭୁଲ୍)

**II)** ସବୁ କଳା ଭଲ କଳା ଅଟେ । ମାମୁଲି କଳା ନାମରେ କିଛି ନାହିଁ । (ଠିକ୍/ଭୁଲ୍)

**III)** କଳା ସବୁବେଳେ ସୁନ୍ଦର ହେବା ଆବଶ୍ୟକ । (ଠିକ୍/ଭୁଲ୍)

**IV)** ମୁଁ ଏକ ଆଗ୍ରହୋଦ୍ଦୀପକ ଆକାରର ପଥର ପାଇଲି । ମୁଁ ତାହାକୁ ଘରକୁ ଆଣିଲି । ନିଜ ଘରେ ତାହାକୁ ସଜାଇ ରଖିଲି । ଏହା ଏକ ଭଲ ପ୍ରକାର ଉତ୍ତମ କଳା ଖଣ୍ଡ ଥିଲା । (ଠିକ୍/ଭୁଲ୍)

V) କଳା ସବୁବେଳେ ବାସ୍ତବ ହେବା ଆବଶ୍ୟକ । ଏହା କଳା ବୋଲି ଗ୍ରହଣୀୟ ହୋଇପାରିବ ନାହିଁ ଯଦି ଏହା ବାସ୍ତବ ଜୀବନରେ ଆମ ଆଖି ଦେଖି ନଥିବା ଭଳି ହୋଇ ନପାରେ । (ଠିକ୍/ଭୁଲ୍)

ଖ) କୌଣସି ଏକ ପର୍ବର ବର୍ଣ୍ଣନା କର- ଯାହା ଆମକୁ ଆମ ଅଞ୍ଚଳର ଭୌଗଳିକ ସ୍ଥିତି, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନୁସୃତ ପରଂପରା, କୃଷି ଇତ୍ୟାଦି ବିଷୟରେ ସୂଚନା ଦେଇଥାଏ ।

### 1.2.4 କଳା ଶିକ୍ଷାର ସ୍ୱରୂପ ଓ ପରିସର

ଆଜିର ଦୁନିଆରେ ସୃଜନାତ୍ମକ କଳାର ପରିସର ଏବଂ ବୃତ୍ତି ଅଧିକ ବେଗରେ ବଢିଚାଲିଛି । ଆଜି ବିଶ୍ୱ କଳାର କ୍ଷେତ୍ରରେ ଏବଂ ଏହାର ମହତ୍ତ୍ୱ ତଥା ସାମର୍ଥ୍ୟ କ୍ଷେତ୍ରରେ ସଜାଗ ହୋଇଅଛି; କାରଣ କଳା ଆଜି ଆମର ଆର୍ଥିକ, ସାମାଜିକ, ଶୈକ୍ଷିକ ଏବଂ ସାଂସ୍କୃତିକ ପରିସରକୁ ପ୍ରଭାବିତ କରୁଅଛି ।

- ବ୍ୟକ୍ତିଗତ ବିକାଶ

ଆଜିର ପିଲାମାନେ ମହତ୍ତ୍ୱପୂର୍ଣ୍ଣ ଜୀବନ କୌଶଳ ବାଛିବାରେ ନିଜର କଳାଶିକ୍ଷଣ କୁ ଏକ ମାଧ୍ୟମ ଭାବେ ବିବେଚନା କରୁଛନ୍ତି । ଯେପରିକି ଭଲ ସ୍ମରଣ ଶକ୍ତି, ଭଲ ବୁଝିବାର ଶକ୍ତି ଏବଂ ବାର୍ତ୍ତାଳାପ କରିବାର କଳା ତଥା ସାଂକେତିକ ରୂପରେ ସ୍ୱୀୟ ଜ୍ଞାନ ଓ ବିଚାର ଆଦାନ ପ୍ରଦାନ କରିବା ଇତ୍ୟାଦି ।







ଉପର୍ଯୁକ୍ତ କଥା ସଫଳ ହେବା ନିମିତ୍ତ ପିଲାମାନଙ୍କର ପ୍ରଚେଷ୍ଟା ତଥା ନୂଆ ଆହ୍ୱାନ ସବୁକୁ ବୁଝିବାର ଶକ୍ତିକୁ ବଢାଇଥାଏ ।

- ସଂପୂର୍ଣ୍ଣ ଜ୍ଞାନର ଆହରଣ

ଏହି ନିର୍ଦ୍ଦିଷ୍ଟ ରୂପର ଶିକ୍ଷଣ, ତାହାର ଇତିହାସ, ସୃଷ୍ଟି, କ୍ରିୟାକଳାପ, ବିଶ୍ଳେଷଣ, ବିବେଚନା **(Critique)** ତଥା ପସନ୍ଦ କରିବାର କଳା ଇତ୍ୟାଦି ଶିକ୍ଷଣରେ ଏକ ମୁଖ୍ୟ ଭୂମିକା ନିଭାଇଥାଆନ୍ତି ଏବଂ ଆତ୍ମମାନଙ୍କୁ ସଂପୂର୍ଣ୍ଣଜ୍ଞାନ **(Holistic knowledge)** ପ୍ରଦାନରେ ସହାୟତା କରିଥାଆନ୍ତି ।

❍ ଜୀବନକୁ ସୁନ୍ଦର ଏବଂ ଆକର୍ଷଣୀୟ କରି ଗଢ଼ିବା:

ଆମ ଦୈନନ୍ଦିନ ଜୀବନରେ ସୌନ୍ଦର୍ଯ୍ୟ ଓ ଆକର୍ଷଣର ରହିଛି ବହୁତ ବଡ ମହତ୍ତ୍ୱ। ଏହା ଆମ ଜୀବନର ପ୍ରତିକ୍ଷେତ୍ରକୁ ପ୍ରଭାବିତ କରିଥାଏ। ଯେପରି ଖାଦ୍ୟ ଖାଇବା ଠାରୁ ଲୁଗାପଟା ପିନ୍ଧିବା ପର୍ଯ୍ୟନ୍ତ ଏବଂ ଗୃହ ନିର୍ମାଣ ଠାରୁ ଏହାର ସାଜସଜା କରିବା, ପର୍ବପର୍ବାଣିର ପାଳନ ତଥା ଜୀବନ ସହ ଯୋଡାଯାଇଥିବା ବିଭିନ୍ନ କାରଣମାନ ସୌନ୍ଦର୍ଯ୍ୟ ବୋଧ ସୃଷ୍ଟି କରିଥାନ୍ତି ଏବଂ ଆମ ଜୀବନ ଉପରେ ପ୍ରଭାବ ବିସ୍ତାର କରିଥାଆନ୍ତି।

❍ ଜ୍ଞାନାତ୍ମକ ଉଦ୍ଦୀପନା



ମନ ସଂପର୍କିତ ବା ଚିନ୍ତା କରିବା ବା ଭାବିବା ଭଳି କ୍ଷମତା କଳାଶିକ୍ଷଣ ସହ ସମ୍ବନ୍ଧିତ ହୋଇଛି । ଏହା ଆମର ମାନସିକ ଚେତନା, ସୃଜନାତ୍ମକ ଶକ୍ତି, ମନନ ଶକ୍ତି, ବିଚାରର ଅଭିବ୍ୟକ୍ତି ଆଦି ବିକାଶରେ ଆମ୍ଭମାନଙ୍କୁ ଅଭିପ୍ରେରିତ କରିଥାଏ ଫଳରେ ଆମ୍ଭେମାନେ ମନ ଓ ମସ୍ତିଷ୍କର କ୍ଷମତାକୁ ପୁରା ଉପଯୋଗ କରିପାରିବା।

▸ ୧୯୯୮ ର ଏକ ରିପୋର୍ଟ "ଛୋଟ ପିଲା ଏବଂ କଳା : ସୃଜନାତ୍ମକ ସମ୍ବନ୍ଧ ସ୍ଥାପନ କରିବା" ଗବେଷଣାରୁ ମିଳିଥାଏ ଯେ ପିଲାର ଜ୍ଞାନାତ୍ମକ, ଭାଷା ଓ ପେଶୀୟ କୌଶଳ ନିମିତ୍ତ କଳାଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।

▸ "ଶିକ୍ଷଣ ଓ କଳା : ସୀମା ଅତିକ୍ରମ କରିବା" ସୂଚୀତ କରେ ଯେ ଆମର ମସ୍ତିଷ୍କ ଆମଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ। ଏଠାରେ ସୂଚନାକୁ ଏକତ୍ର କରି ତାହାକୁ ବିଶ୍ଲେଷଣ କରିଥାଏ ଏବଂ ଏକ ଉଚିତ ନିର୍ଦ୍ଦେଶ ଦେଇଥାଏ। କଳାଶିକ୍ଷାର କ୍ରମରେ ଆମ ମସ୍ତିଷ୍କ ଭୌତିକ ବସ୍ତୁ ଦେଖିଥାଏ। ଏହା ଦୃଶ୍ୟମାନ ବସ୍ତୁକୁ ସ୍କାନ କରିନିଏ ଓ ମସ୍ତିଷ୍କ ଭିତରେ ପହଞ୍ଚାଇ ଦିଏ। ଯେଉଁଠାରେ ବିଶେଷ ଉଦ୍ଦୀପନାର ଆଧାରରେ ସକ୍ରିୟ ନିର୍ଣ୍ଣୟ **(decision)** ନିଆଯାଇଥାଏ। ମସ୍ତିଷ୍କର ଏହି କ୍ରିୟା ଏକ ସଙ୍ଗୀତକାର ଠାରେ ଦେଖାଯାଇଥାଏ।

**ଶୈକ୍ଷିକ ଉପଲବ୍ଧି**

▸ ଯେଉଁ ପିଲାମାନେ ନିଜର କଳାକୁ ଶ୍ରେଣୀଗୃହରେ ସାମିଲ କରିଥାଆନ୍ତି ଏବଂ କଳାକୁ ଧ୍ୟାନପୂର୍ବକ ଶିଖିଥାଆନ୍ତି ସେହି ପିଲାମାନେ ବିଦ୍ୟାଳୟରେ ଉତ୍ତମ ରୂପେ କାର୍ଯ୍ୟ ସଂପାଦନ କରିଥାନ୍ତି।

▸ ହାଭାର୍ଡ ଗାର୍ଡନର **(Howard Gardener)** ଙ୍କର ବହୁବିଧ ମେଧା ସିଦ୍ଧାନ୍ତରେ କହିଅଛନ୍ତି କଳା ଶିକ୍ଷାରେ ନିଜକୁ ସାମିଲ କରଥିବା ପିଲାମାନେ ଅଧିକଉତ୍ତର ଶିକ୍ଷଣ ସାମର୍ଥ୍ୟ ହାସଲ କରିଥାନ୍ତି କାରଣ ସେମାନେ ସେମାନଙ୍କର ପାରଂପରିକ ଶ୍ରେଣୀର ଭାଷାଗତ ଓ ଗାଣିତିକ ତର୍କବିତର୍କ ବାହାରେ ସେମାନଙ୍କ ଶିକ୍ଷଣ ଶୈଳୀକୁ ପ୍ରସାରିତ କରିଥାନ୍ତି ।

▸ ଏହା ଜଣାଯାଏ ଯେ କଳାଶ୍ରେଣୀରେ ନିୟମିତ ଭାବରେ ଅଧ୍ୟୟନ କରୁଥିବା ପିଲାମାନେ ଶିକ୍ଷଣ କ୍ଷେତ୍ରରେ ଉଚ୍ଚମାନର ପାରଦର୍ଶିତା ପ୍ରଦର୍ଶନ କରିଥାନ୍ତି ଓ ଉଚ୍ଚତର ଚିନ୍ତନ ସାମର୍ଥ୍ୟର ଅଧିକାରୀ ହୋଇଥାନ୍ତି ।

ଏହା ଏକ କଳାତ୍ମକ ବିଜ୍ଞାନ ଅଭିବ୍ୟକ୍ତିର ଉଦାହରଣ : ଗଛରେ ବୃଦ୍ଧିଘଟିବା ସମୟରେ ନୂଆ କାଣ୍ଡ **(Stem)**, ପତ୍ର **(Leaves)** ତଥା ନୂଆ ରୂପରେ ଚେର **(Root)** ନିର୍ମିତ



ଟିପ୍ପଣୀ

ହୋଇଥାଏ । ଏହାର ତୁଳନା ମି:ସ୍ମାର୍ଟ ଙ୍କ ବୃଦ୍ଧି ପାଇଁ ବାଳ/କେଶର ବୃଦ୍ଧି ସହ କରାଯାଇଥାଏ ଏବଂ ମି:ଓ୍ୱାରେଡ (**Mr Weird**) ଙ୍କର ସବୁବେଳେ ନିୟମିତ ବୃଦ୍ଧି ପାଉଥିବା ଦାଢ଼ି (**beard**) ସହିତ କରାଯାଇଥାଏ ।

- ପ୍ରଦତ୍ତ ବାର୍ତ୍ତା - ସୃଜନାତ୍ମକ କଳା ବିଭିନ୍ନ ପ୍ରକାରର କଳାତ୍ମକ ଅଭିବ୍ୟକ୍ତିକୁ (**Expression**) ଅନ୍ତର୍ଭୁକ୍ତ କରିଥାଏ ଯାହା ଆମକୁ ନିର୍ଦ୍ଧାରିତ ଦର୍ଶକମାନଙ୍କ ପାଖରେ କେତେକ ବର୍ତ୍ତା ପ୍ରେରଣ କରିବାରେ ସାହାଯ୍ୟ କରେ । ଯେପରି ପଥପ୍ରାନ୍ତ ନାଟକ, ଅନୁକରଣ କଳା । କୌଣସି କାର୍ଯ୍ୟର ପ୍ରଦର୍ଶନ କରିବା ବା ପୋଷ୍ଟର ପ୍ରଦର୍ଶନ -ଏହା ସବୁ ବଡ ଆଶ୍ଚର୍ଯ୍ୟଜନକ ରୂପରେ ଭାରତବର୍ଷର ରାଜନୈତିକ ସ୍ତରର ତଥା ପ୍ରଦୂଷଣ, ଜନ ବିସ୍ଫୋରଣ ଏବଂ ବଡରୋଚକ ସମସ୍ୟାକୁ ଅତି ଆଗ୍ରହୋଦ୍ଦୀପକ ଓ ଚିତ୍ତାକର୍ଷକ ଭାବରେ ସେମାନେ ଲେଖୁଥିବା ତଥ୍ୟ ବିଶେଷ ବା ପ୍ରବନ୍ଧ ତୁଳନାରେ ପ୍ରକାଶ କରାଯାଇପାରିବ ।
- ବ୍ୟକ୍ତିଗତ ପାର୍ଶ୍ୱଦୃଶ୍ୟ ଏବଂ ବୃଦ୍ଧି (Personal profile and Growth)
- ବୃତ୍ତି ସମ୍ବନ୍ଧୀୟ ବିବିଧ ବିଚାର - ଏଗୁଡିକ କିଣ୍ଡରଗାର୍ଟନ ଠାରୁ ଆରମ୍ଭକରି, ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷାରେ ପସନ୍ଦ ଭାବେ ଯେପରି ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାଦିଆଯାଏ । କଳାରେ ଅତିଶୟ ପ୍ରବୃତ୍ତି ସହିତ ତୁମେ ଟିଭି କାର୍ଯ୍ୟକ୍ରମରେ ଅଭିନେତା / ଅଭିନେତ୍ରୀ, ବ୍ୟବସାୟିକ କଳାକାର, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷକ, ପ୍ରଶିକ୍ଷକ, ବୃତ୍ତିଗତ ସଙ୍ଗୀତକାର ଓ ନୃର୍ତ୍ତ୍ୟକ, ସୌନ୍ଦର୍ଯ୍ୟ ବର୍ଦ୍ଧକ ଶଲ୍ୟ ଚିକତ୍ସକ, ସ୍ଥପତି, ନକ୍ସାକାର ଆଭ୍ୟନ୍ତର ସ୍ଥପତି, ସିନେମା ଦୁନିଆ ପରି ଅନେକ ବୃତ୍ତିରେ ସଫଳତାର ସହ ଅଗ୍ରଗତି କରିପାରିବ ।



**ନିଜ ଅଗ୍ରଗତି ଆକଳନ- ୨**

ପ୍ରଶ୍ନ - ୧: ବିଭିନ୍ନ କଳା ମାଧ୍ୟମରେ ଅଭ୍ୟାସ କରିଥିବା ପିଲାଟିର ବ୍ୟକ୍ତିଗତ ବିକାଶ ପର୍ଯ୍ୟାୟଗୁଡିକୁ ଉଲ୍ଲେଖ କର ।

---------------------------------------------------------------------------

---------------------------------------------------------------------------

-----------------------------------

ପ୍ରଶ୍ନ - ୨: କଳାଶିକ୍ଷା ସହ ସଂପର୍କିତ ସମସ୍ତ ବୃତ୍ତିକୁ ଚିନ୍ତା କର । ଏ ସଂପର୍କରେ ଉଦାହରଣମାନ ଦିଅ ।

---------------------------------------------------------------------------

---------------------------------------------------------------------------

-----------------------------------

ପ୍ରଶ୍ନ - ୩: ଭାଷା ଓ ଗଣିତଭିତ୍ତିକ ତର୍କଶକ୍ତି ର ବାହାରେ ସେମାନଙ୍କ ଶିକ୍ଷଣ ଶୈଳୀର ପ୍ରସାରଣ କହିଲେ ତୁମେ କ'ଣ ବୁଝ ?

-----------------------------------------------------------------------

-----------------------------------------------------------------------

----------------------------------

## ୧.୩. ପ୍ରାରମ୍ଭିକ ସ୍ତରରେ କଳାଶିକ୍ଷାର ଗୁରୁତ୍ୱ



ଜଣେ ଶିକ୍ଷକ ଶ୍ରେଣୀଗୃହକୁ ଆସି ପିଲାମାନଙ୍କୁ ଖଣ୍ଡିଏ କାଗଜ ଫର୍ଦ୍ଦ ନେବାକୁ କହିଲେ । ତାପରେ ସେମାନଙ୍କୁ କେତେକ ନିର୍ଜୀବବସ୍ତୁ ସହ ସଂପର୍କିତ କରିବା ପାଇଁ କୁହାଗଲା । ସେଗୁଡିକର ଚିତ୍ର ଅଙ୍କନ କରି ସେମାନଙ୍କ ବିଷୟରେ କେତେକ ଧାଡି ଲେଖିବା ପାଇଁ ମଧ୍ୟ କୁହାଗଲା । ଏହିଭଳି ଗୋଟିଏ ଲେଖାଥିଲା ଭିରାଜର -

- ମୁଁ ଭିରାଜ, ଏକ ଜେଟ ହାୱାଇ ଜାହାଜ ।

- ମୁଁ ଶବ୍ଦ କରି ଶ୍ରେଣୀ ସାରା ଜୋରରେ ବୁଲେ ଓ ସର୍ବଦା ମୋ ଲକ୍ଷ୍ୟ ସ୍ଥଳରେ ପ୍ରଥମେ ପହଞ୍ଚିଯାଏ ।

- ଅଧିକ ଶକ୍ତି ପାଇବା ପାଇଁ ନିଜକୁ ପୁନଃଇନ୍ଧନ ଭରିବାକୁ ମୁଁ ଆବଶ୍ୟକ କରୁଥିବାରୁ ମୁଁ ବିରତି ସମୟରେ ଅଧିକ ଇନ୍ଧନ / ଖାଦ୍ୟ ଆବଶ୍ୟକ କରେ ।

**ଆମେ ଅନୁଭବ କଲେ -**

୧) ପିଲାମାନେ ଯାହା ଓ ଯେପରି ଅନୁଭବ କରନ୍ତି ଯାହାର ମୁକ୍ତ ଅଭିବ୍ୟକ୍ତିର ବିକାଶ ନିମିତ୍ତ କଳା ସେମାନଙ୍କୁ ସୁଯୋଗ ପ୍ରଦାନ କରେ ।

୨) ଢାଞ୍ଚାଗତ ପାଠ ତୁଳନାରେ ଏହା ସେମାନଙ୍କ ଅଧିକ ସୃଜନଶୀଳ ଉପାୟରେ ଶିକ୍ଷାକରିବାକୁ ସୁଯୋଗ ଦିଏ ।

୩) ଏଠାରେ ଭଲ ହେବାର ଭୟ ନଥାଏ । ଅସନ୍ତୋଷରେ ଚକ୍ଷୁ ଭ୍ରୁକୁଞ୍ଚନ କରିବା ପରିବର୍ତ୍ତେ ବାସ୍ତବରେ ସେମାନେ ଏଠାରେ କୌତୁହଳ ପୂର୍ଣ୍ଣ ପରିବେଶର ସୁଯୋଗ ପାଆନ୍ତି ।

୪) ଏହା ଆତ୍ମବିଶ୍ଳେଷଣ, ସ୍ୱଭିମାନ (**Self esteem**) ତଥା ଆତ୍ମଶୃଙ୍ଖଳା ସ୍ତରର ଅଭିବୃଦ୍ଧି କରେ । ଏହି ପିଲାମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ ଅଭିପ୍ରେରିତ ଓ ସହଯୋଗ ମନୋଭାବର ହୋଇଥାନ୍ତି ।

୫) ଏହା ବ୍ୟାବହାରିକ ପ୍ରକୃତିର ଅଭିବୃଦ୍ଧି କରେ ଓ ଚିନ୍ତନକୁ ସହାୟତା କରିଥାଏ ।

୬) ସବୁ ପ୍ରକାର ଦକ୍ଷତା ରଂଗ (**Colour**) ଏବଂ ଲିଙ୍ଗ ସଂପନ୍ନ ବ୍ୟକ୍ତିମାନଙ୍କର (**Gender**) କଳାତ୍ମକ କାର୍ଯ୍ୟ ସହ ସମ୍ବନ୍ଧ ଥାଏ । କଳା ସବୁପ୍ରକାରର ଜାତି, ବର୍ଣ୍ଣ, ଧର୍ମ ଏବଂ ଏପରିକି ରାଜ୍ୟ, ଦେଶ ଓ ଭାଷାଗୁଡିକର ସୀମା ଦ୍ୱାରା ଆବଦ୍ଧ ନୁହେଁ ।

୭) ଏହା କେବଳ ଯେ ସୌନ୍ଦର୍ଯ୍ୟର ସମୃଦ୍ଧ ରୁଚି ଓ ପସନ୍ଦକୁ ଅନୁଶୀଳନ କରେ ନାହିଁ ବରଂ ଏହା ଆନ୍ତର୍ନିହିତ ଶକ୍ତିକୁ ସୃଜନାତ୍ମକ ସାମର୍ଥ୍ୟରେ ନିର୍ଦ୍ଦେଶିତ କରିଥାଏ ।

୮) ଜଣେ କଳାକାର ନିଜର ସ୍ୱରକୁ ଉତ୍ତୋଳନ କରିବାକୁ ପଡେନାହିଁ । କଳାର ଅଭିବ୍ୟକ୍ତିହିଁ

ଟିପ୍ପଣୀ

ଏଥିପାଇଁ ପର୍ଯ୍ୟାପ୍ତ ଅଟେ। ଏହା ଶକ୍ତି ସମୂହକୁ ସକରାତ୍ମକ ଅଭିବ୍ୟକ୍ତିରେ ସଂଯୋଜିତ କରିବାର ଏକ ଚମତ୍କାର ସାଧନୀ ଅଟେ ।

୯) ଶିକ୍ଷଣ ନିମିତ୍ତ ଏକ ପ୍ରକୃତି ଦିଗରେ ଅଗ୍ରସର ପାଇଁ କାଳ୍ପନିକ ଓ ସ୍ୱଷ୍ଟ ଅଭିବ୍ୟକ୍ତି ସକରାତ୍ମକ ଶୈକ୍ଷିକ ସୁଯୋଗ ସୃଷ୍ଟି କରେ ।

୧୦) ଜଣେ କବି ନୃତ୍ୟକାର ଦୃଶ୍ୟ କଳାକାର ଜଣେ ସଙ୍ଗୀତକାରର ସୌନ୍ଦର୍ଯ୍ୟାତ୍ମକ ଅନୁଭୂତି ସବୁ ଚିନ୍ତନ ପ୍ରକ୍ରିୟାରେ ଏକ ବାସ୍ତବ ନବଜାଗରଣ ଆଣି ଶିକ୍ଷାର୍ଥୀର ଦୃଷ୍ଟିକୁ ନିୟୋଜିତ କରିଥାଏ ।

୧୧) ଭୂଗୋଳରୁ ଭଗ୍ନାଂଶ, ପଦାର୍ଥ ବିଜ୍ଞାନରୁ ଜୀବବିଜ୍ଞାନର କଠିନ ଧାରଣା ପର୍ଯ୍ୟନ୍ତ ବିଷୟଗୁଡ଼ିକ ଉପରେ ସ୍ପର୍ଶ କରି ତଥା ପିଲାକୁ ଚତୁଃପାର୍ଶ୍ୱର ପୃଥିବୀ ସଂପର୍କରେ ବ୍ୟବହାରିକ ଓ ସ୍ପର୍ଶନୀୟ ଅନୁଭୂତି ପ୍ରଦାନ ପୂର୍ବକ କଳା ଏକ ଅନୁସନ୍ଧାନର ଯାତ୍ରା ଆରମ୍ଭ କରିବାର ଏକ ଉତ୍କୃଷ୍ଟ ଉପାୟ ଅଟେ । ଫଳତଃ ଏହା ଶିକ୍ଷଣର ଅଭିବୃଦ୍ଧି କରେ ।

**ଘର ହିଁ ସ୍ୱର୍ଗ** ଏହା ଆଜି ଦିନର ପ୍ରମୁଖ ଧାରଣା। ଗୋଟିଏ ଘର ତିଆରି କରିବା ପାଇଁ ପିଲାମାନଙ୍କୁ କୁହାଗଲା । ଅଧିକାଂଶ ପିଲା ଘର ତିଆରି କରିବା ପାଇଁ ନିଜନିଜ ସାମଗ୍ରୀ ଆଣିଲେ। ଘର ତିଆରି କରିବାକୁ ଯାଇ ପିଲାଙ୍କ ଠାରୁ ବିଭିନ୍ନ ପ୍ରକାର ଧାରଣା ଆସିଲା ଯେଉଁଥିରେ ଝୁମ୍ପୁଡିଘରଠାରୁ ବିରାଟ ଅଟ୍ଟାଳିକାର ଜ୍ଞାନ ସବୁ ଆସିଗଲା। (ସେମାନଙ୍କ ପସନ୍ଦ ଅନୁସାରେ) ଏବଂ ସାଥୀରେ ଯେପରି ସ୍ତମ୍ଭରେ ବଡ ଖୁମ୍ବର ଘରଠାରୁ କାଠିର ଘର, ଇଗ୍ଲୁର ବରଫ ଘର ଠାରୁ ତୁଳା ପର୍ଯ୍ୟନ୍ତ ଘରମାନ ଥିଲା । ଘରର କୋଣରେ ଦୁଇଟି ପିଲା ବ୍ୟସ୍ତ ଥିଲେ । ଝାଡଖଣ୍ଡର ବୀରାମଣି ବୋଲି ଝିଅଟିଏ ଅନେକ ଶୁଖିଲା ଘାସ ସଂଗ୍ରହ କରିଥିଲା ଓ ଗୋଟିଏ ପକ୍ଷୀ ବସା ଆକାରରେ ଏହାକୁ ବୁଣିବାରେ ସେ ବ୍ୟସ୍ତ ଥିଲା । ଅନ୍ୟ ଝିଅ ଜୁଲକା ଯିଏ ଆଫ୍ରିକାର ଥିଲା ସେ କାଗଜକୁ ଭାଙ୍ଗୀ ଏକ ଛୋଟ ଘର ତିଆରି କରୁଥିଲା ଏବଂ ସେହି ଘର ପାଖରେ କାଠି ସହ କାଗଜ ଭାଙ୍ଗର ଏକ ଛୋଟ କୁକୁର ଥିଲା । ମୋ ଝିଅକହେ-

"ମୁଁ ଇତିହାସକୁ ଘୃଣା କରେ ନାହିଁ" କିନ୍ତୁ ସେ ଇନ୍ଦ୍ରଜାଲ କମିକ୍ସକୁ ଭଲ ପାଏ । ସେ ସ୍ୱାଧୀନତା ପରବର୍ତ୍ତୀ ଘଟଣାଗୁଡିକ ଉପରେ ଐତିହାସିକ ଅଭିନୟକୁ ଭଲପାଏ ।







୧.୩.୧ ଦୃଶ୍ୟକଳାର ଆବଶ୍ୟକତା ଓ ଗୁରୁତ୍ୱ

ଦେଖିବା ଓ ପର୍ଯ୍ୟବେକ୍ଷଣ ପାଇଁ ଶିକ୍ଷଣ ଏବଂ ପରେ ଉପସ୍ଥାପନ

- ଦୃଶ୍ୟକଳା ପାଠ୍ୟକ୍ରମର ଦେଖିବା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ଶିକ୍ଷଣରେ ଏକାଧିକ ଇନ୍ଦ୍ରିୟ ଅନ୍ତର୍ଭୁକ୍ତ ଥିବାରୁ ଏହିଭଳି ଏକ ଇନ୍ଦ୍ରିୟାନୁଭୂତି ଅଧିକ ସମୟ ପାଇଁ ରହିଥାଏ । ଶିକ୍ଷାର୍ଥୀମାନେ ସେମାନଙ୍କ ଚତୁଃପାର୍ଶ୍ୱକୁ ବିଶଦ ଭାବେ ପର୍ଯ୍ୟବେକ୍ଷଣ କରିବା ପାଇଁ ପ୍ରୋତ୍ସାହନ ଆବଶ୍ୟକ କରନ୍ତି ଏବଂ ବସ୍ତୁ ଓ ସେମାନଙ୍କ ପରିବେଶ ମଧ୍ୟରେ ଥିବା ସମ୍ବନ୍ଧକୁ ଅନ୍ୱେଷଣ କରନ୍ତି । ପ୍ରକୃତ ବସ୍ତୁର ପର୍ଯ୍ୟବେକ୍ଷଣ ବା କଳ୍ପନା ମାଧ୍ୟମରେ ଯେତେବେଳେ ପିଲାଟିଏ ଏକ ପ୍ରତିଛବି



ଟିପ୍ପଣୀ

ଅଙ୍କନ କରେ ଧାରଣାଟି ପାଇଁ ଅଧିକ ଅର୍ଥପୂର୍ଣ୍ଣ ହୋଇଥାଏ କାରଣ ଦୃଶ୍ୟ ପ୍ରତିଛବିରେ ଅର୍ଥ ପାଇଁ ଏହା ଗଭୀର ବିଶ୍ଳେଷଣର ବିକାଶ କରିଥାଏ ।

ଆରିଷ୍ଟୋଟେଲଙ୍କ ମତରେ-

କଳାର ଅର୍ଥ ବସ୍ତୁର ବାହ୍ୟ ପ୍ରତିନିଧିତ୍ୱ ନୁହେଁ ବରଂ ଏହାର ଅନ୍ତର୍ନିହିତ ମହତ୍ୱର ପରିପ୍ରକାଶ ଅଟେ । ଆସ ଆମେ ପରିବେଶ ସଂପର୍କରେ ଶିକ୍ଷାର୍ଥୀମାନଙ୍କ ଅଧିକ ଜାଣିବା ଓ ବୁଝିବାର ସାମର୍ଥ୍ୟ ବିକାଶ ଉପରେ ଆଲୋକପାତ କରିବା ।

ଉଦାହରଣ: (୧) ମୁଖ୍ୟ କୌଶଳ; ପର୍ଯ୍ୟବେକ୍ଷଣ

ବିଷୟ: କିଲ୍ଲା (**Forts**)

ପ୍ରସ୍ତାବିତ ସମ୍ବଳ ସମୂହ : କିଲ୍ଲାର ନମୂନା

- କିଲ୍ଲାର ଫଟୋ ଚିତ୍ର
- କ୍ଲିଲା ଉପରେ ସହାୟକ ପୁସ୍ତିକା
- ବିଭିନ୍ନ ପ୍ରକାର କିଲ୍ଲା ପରିଭ୍ରମଣର ଭିଡିଓ କ୍ଲିପ୍
- ଗୋଟିଏ କିଲ୍ଲାର ଭ୍ରମଣ
- କିଲ୍ଲାର ମାନଚିତ୍ର

୧) ପ୍ରାରମ୍ଭିକ କାର୍ଯ୍ୟ ସମୂହ - ଲିପିବଦ୍ଧକରଣ ଫର୍ଦ୍ଦ ପ୍ରସ୍ତୁତି କରିବା

ନିକଟରେ ଥିବା ଐତିହାସିକ ପ୍ରାସାଦ ଏବଂ ଆକୃତିଗୁଡ଼ିକୁ ଚିହ୍ନଟ କରିବା ଓ ନିମ୍ନୋକ୍ତ ଦିଗଗୁଡ଼ିକୁ ସୂଚିତ କରି ଲିପିବଦ୍ଧକରଣ ଫର୍ଦ୍ଦ ପ୍ରସ୍ତୁତ କରିବା ପାଇଁ ଆପଣ ପିଲାମାନଙ୍କୁ କହିପାରିନ୍ତି । ଯେପରି -

- ଐତିହାସିକ ପ୍ରାସାଦର ନାମ
- ସ୍ଥାନ / ଠିକଣା ତଥା ପ୍ରାସାଦର ପ୍ରକାର
- ପ୍ରାସାଦର ସ୍ୱତନ୍ତ୍ରତାର କାରଣ
- ପ୍ରାସାଦର ଅଦ୍ୱିତୀୟ ସ୍ଥାପତ୍ୟ କଳାର ବୈଶିଷ୍ଟ୍ୟ ଯଥା ସ୍ତମ୍ଭ, ଖିଲାଣ, ଗୋଲାକାର ଗମ୍ବୁଜ, ପ୍ରବେଶ ପଥ, ପରିକଳ୍ପନା / ନକ୍ସାଙ୍କନର ଚିତ୍ର ଅଙ୍କନ କରିବା ।



୨) ମୁଖ୍ୟ କାର୍ଯ୍ୟ ସମୂହ - କିଲ୍ଲା ମଧ୍ୟରେ ଭ୍ରମଣ କରିବା

ଐତିହାସିକ କିଲ୍ଲାର ଏକ ମାନଚିତ୍ର ତିଆରି କରି ଏବଂ ଏଥିରେ ଜଳାଶୟ, ବୁର୍ଜ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଅନେକ ଛୋଟଛୋଟ ମହଲ, ବିଶେଷ ପ୍ରକାରର ତୋପର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ସମୂହର ଚିହ୍ନଟ ।

୨) ଏକ ଐତିହାସିକ ମହଲକୁ ଗ୍ରହଣ କରିବା ସମାପ୍ତ ସୂଚକ କାର୍ଯ୍ୟ ସମୂହ :

- କିଲ୍ଲାଟି କେତେ ପୁରୁଣା ଖୋଜି ବାହାର କରିବା ?
- କିଲ୍ଲାଟି ପ୍ରାକୃତିକ ପରିବେଶକୁ କୌଣସି ରୂପରେ ପ୍ରଭାବିତ କରିଅଛି କି ।

ଟିପ୍ପଣୀ

- କିଲ୍ଲାର ସୌନ୍ଦର୍ଯ୍ୟକୁ ରକ୍ଷା କରିବା ନିମିତ୍ତ କ'ଣ ସବୁ କରାଯାଇଅଛି ?
- ଏହା ତିଆରି କରିବା ପାଇଁ କି ପ୍ରକାର ସାମଗ୍ରୀର ଉପଯୋଗ ହୋଇଅଛି ଜାଣିବା ।
- କିଲ୍ଲାର ପ୍ରତ୍ନତାତ୍ତ୍ୱିକ ବିଶେଷତା ସଜାସଜି ଉପଯୋଗ ହୋଇଥିବା ପଥର ଖୋଦନ ସ୍ଥାପତ୍ୟକଳା ଅସ୍ତ୍ରଶସ୍ତ୍ର ଇତ୍ୟାଦି ବିଷୟରେ ଖୋଜି ବାହର କରିବା ।
- ସମୟର ପରିବର୍ତ୍ତନ ସହିତ କୀର୍ତ୍ତିରାଜିର ବ୍ୟବହାରରେ ପରିବର୍ତ୍ତନ ହୋଇଥିଲା କି ? କୀର୍ତ୍ତୀରାଜିଟି କିପରି ଅଦ୍ୱିତୀୟ ?
- ସେହି ସମୟରେ କଳାକୁ ପସନ୍ଦକର ଏବଂ ଏହାକୁ ବର୍ତ୍ତମାନର କଳା ସହିତ ତୁଳନା କର ।

ଉଦାହରଣ: ୨ - ବସ୍ତୁର ଧାରଣା କରିବା

ସବୁ କଳାକୃତିର ନିଜସ୍ୱ ଅର୍ଥ ତଥା ସଂରଚନାତ୍ମକ ନିୟମ ରହିଛି । କଳାକାରମାନେ ସେମାନଙ୍କ ଧାରଣାଗୁଡ଼ିକୁ କିପରି ସଂରଚନା କରିବେ ତାହା ସ୍ଥିର କରନ୍ତି । ଧାରଣାଗୁଡ଼ିକର କଳାତ୍ମକ ଅଭିବ୍ୟକ୍ତ ଦିଗରେ ଗତି କରିବାରେ ଗଠନାତ୍ମକ କ୍ରମ ପାଇଁ ଅନେକ ସମ୍ଭାବନାକୁ ଅନ୍ୱେଷଣ କରିବା ଏବଂ ପରିବେଶରେ ଗଠନାତ୍ମକ କ୍ରମର ବିଭିନ୍ନ ରୂପକୁ ନିରୀକ୍ଷଣ କରିବାରେ ଏହି ଏକକ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥାଏ । ଏଠାରେ ଆମେ ଧାରଣାଗୁଡ଼ିକରର ଅଭିବ୍ୟକ୍ତିଗୁଡ଼ିକ ଆଡକୁ ଗତି କରିବା ।

ବିଷୟ - "ପୋଲ/**Fly Overs**










ଉପକ୍ରମ କାର୍ଯ୍ୟ ସମୂହ:

- ଗୋଟିଏ ପୋଲ/ ଗୋଟିଏ ପୋଲ ଉପରେ ଆଉ ଗୋଟିଏ ପୋଲର ଚିତ୍ର ଅଙ୍କନ କର ବା ପୋଲଗୁଡ଼ିକର ଚିତ୍ରକୁ ପର୍ଯ୍ୟବେକ୍ଷଣ କର ।
- ଏହିଗୁଡ଼ିକରେ କୌଣସି କଳାତ୍ମକ ଉପାଦାନ ନିହିତ ଅଛି କି?
- ତୁମେ ପୋଲ ପରିକଳ୍ପନାରେ କୌଣସି ଢାଞ୍ଚାର ପର୍ଯ୍ୟବେକ୍ଷଣ କରୁଛ କି ?
- ଆସ ଏବେ ଆମେ ଆମର ପୋଲ **(bridge)/ (Fly over)** ଫ୍ଲାଇ ଓଭରରଗୁଡ଼ିକର ବିଭିନ୍ନ ବୈଶିଷ୍ଟ୍ୟ ସମୂହକୁ ଖୋଜି ବାହର କରିବା ପାଇଁ ଚେଷ୍ଟା କରିବା। ପୋଲର ଆକାର, ଢାଞ୍ଚା, ବ୍ୟବହୃତ ସାମଗ୍ରୀ ଏବଂ ସେଗୁଡ଼ିକର ଆକାର ଇତ୍ୟାଦି ।
- ତୁମେ ତିଆରି କରିଥିବା ପୋଲ ଏବଂ ଫ୍ଲାଇ ଓଭରରଗୁଡ଼ିକୁ ନିଜ ବନ୍ଧୁଙ୍କ ଦ୍ୱାରା କରାଯାଇଥିବା ପୋଲ ଓ ଫ୍ଲାଇ ଓଭର ସହିତ ତୁଳନା କର । ତୁମେ ସବୁ ଏକାପ୍ରକାର ସାମଗ୍ରୀ ବ୍ୟବହାର କରୁଛ କି ?
- ପୋଲଗୁଡ଼ିକ ପ୍ରାୟ ପ୍ରତିସାମ୍ୟ ହୋଇଥାଏ । ଶିକ୍ଷାର୍ଥୀମାନେ ପ୍ରତିସାମ୍ୟ ଓ ଅପ୍ରତିସାମ୍ୟର ଅର୍ଥ ଅନ୍ୱେଷଣ କରିଛନ୍ତି କି ?

**୨.ମୁଖ୍ୟ କାର୍ଯ୍ୟ ସମୂହ:**

କାର୍ଯ୍ୟଗୁଡିକର ଯୋଜନା ପ୍ରସ୍ତୁତ କର ଯେଉଁଥିରେ ଶିକ୍ଷାର୍ଥୀମାନେ ଗଠନାତ୍ମକ ସାମର୍ଥ୍ୟ ଓ ଆକାର ମଧ୍ୟରେ ଥିବା ସମ୍ବନ୍ଧକୁ ଅନ୍ୱେଷଣ କରିବେ । ବିଭିନ୍ନ ସାମଗ୍ରୀ ଯଥା କାଦୁଅ / କାଗଜ / କାର୍ଡ ବୋର୍ଡ / ସୋଲ, କାଠି / କାଠ / ପଥର / ତାର / କୁଟା ଇତ୍ୟାଦିକୁ ବ୍ୟବହାର କରି ସେମାନଙ୍କ ପୋଲ ତିଆରି କରିବା ପାଇଁ ଚେଷ୍ଟା କରିବାକୁ କୁହନ୍ତୁ । ଗୋଟିଏ କାଗଜ ଫର୍ଦ୍ଦରେ ସେମାନଙ୍କ ଯୋଜନା ଅଙ୍କନ, ଆଲୋଚନା ଓ ଉପସ୍ଥାପନ କରିବାକୁ ସେମାନଙ୍କୁ କୁହନ୍ତୁ ।

ଏହି ଆକାର ବୁଝିବା ମାଧ୍ୟମରେ ଗଠନାତ୍ମକ ସାମର୍ଥ୍ୟକୁ ବୁଝିବାକୁ ସେମାନଙ୍କୁ କୁହନ୍ତୁ ।

୧. ଗୋଟିଏ ସମତଳ ପୃଷ୍ଠ ବିଶିଷ୍ଟ କାର୍ଡଟିଏ ନିଅ ଓ ଏହାକୁ ଦୁଇଟି ସ୍ତମ୍ଭ ଉପରେ ରଖ । ଏହା ଉପରେ କିଛି ମୁଦ୍ରା ରଖିବାକୁ ଚେଷ୍ଟା କର । କିଛି ମୁଦ୍ରା ରଖିବାପରେ ଏହା ମୁଦ୍ରାର ଭାର ଧରି ରଖିନପାରି ହଠାତ୍ ଭାଙ୍ଗି ଯିବ ।

୨. ଏବେ କାଗଜର ଦୁଇ କଡକୁ କାନ୍ଥ ଭଳି ଭାଙ୍ଗିବ । ଏବେ ଏହା ଭିତରେ ମୁଦ୍ରାଗୁଡିକୁ ରଖିବାକୁ ଚେଷ୍ଟା କର । ଏହା ଭାଙ୍ଗି ନଯାଇ ଅଧିକ ମୁଦ୍ରାକୁ ଧରି ରଖି ପାରିବ ।

୩. ଏବେ ଏହାର ଭିତରକୁ ଅଙ୍କାବଙ୍କା କରି ଭାଙ୍ଗ । ଏବେ ପୋଲ ଉପରେ କେତେ ଅଧିକ ମୁଦ୍ରା ରଖାଯାଇପାରିଛି ଦେଖି ତୁମେ ଆଶ୍ଚର୍ଯ୍ୟ ହେବ ପୋଲର ଦୃଶ୍ୟମାନ ସ୍ଥିତି (ସାଜସଜା) ତଥା ଏହାର କାର୍ଯ୍ୟ ବିଷୟରେ ସେମାନଙ୍କୁ ମନେପକାଇ ଦିଅନ୍ତୁ ।

ଏକ ପ୍ରଦର୍ଶନୀର ଯୋଜନା କର ଯେଉଁଠାରେ ଶିକ୍ଷାର୍ଥୀମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଲ ବିଷୟରେ କଥାବାର୍ତ୍ତା ହୋଇପାରିବେ ।

ଉଦାହରଣ - ୩: ସେମାନଙ୍କ ଚତୁଃପାର୍ଶ୍ୱର କଳାତ୍ମକ ପୃଥିବୀକୁ ଅନ୍ୱେଷଣ କରିବା ।

ଶିକ୍ଷାର୍ଥୀମାନଙ୍କୁ ସଚେତନ କରିବା ନିମିତ୍ତ ଏହି ଏକକଟି ପରିକଳ୍ପିତ କରାଯାଇଛି ଯେ ବିଭିନ୍ନ ରୂପରେ ଦୃଶ୍ୟକଳା ଜୀବନର ଏକ ଅଙ୍ଗ ଅଟେ । ସେମାନଙ୍କ ନିକଟତମ ପରିବେଷ୍ଟନୀରେ କଳା ବିଦ୍ୟମାନ । ଦୃଶ୍ୟ କଳାରେ କାମ କରୁଥିବା ଲୋକମାନେ ହେଲେ ଚିତ୍ରକାର, କଳାକାର, ରେଜେଇ ତିଆରି କରୁଥିବା ଦରଜି, ଚିନା ମାଟିର କଳାକାର, କପଡାର ବିଭିନ୍ନ ପ୍ରକାର ଢାଞ୍ଚା ତିଆରି କରୁଥିବା କଳାକାର, ଡିଜାଇନର, ସ୍ଥପତି, ଆର୍କିଟେକ୍ଟ, ଟାଉନପ୍ଲାନର, ରାସ୍ତାକଡର ହୋର୍ଡିଂ କାର୍ଯ୍ୟକରୁଥିବା କଳାକାର ଏବଂ ଆହୁରି ଅନେକ କଳାକାର ଇତ୍ୟାଦି । ଏହି ଦୃଶ୍ୟ ଛାପଗୁଡିକ ସେହି ଗୋଷ୍ଠିର ସାଂସ୍କୃତିକ ସ୍ଥିତି ବିଷୟରେ ଅନେକ କିଛି ପ୍ରଦର୍ଶିତ କରିବା ସହିତ ସମୟର ପରିବର୍ତ୍ତନ ମାଧ୍ୟମରେ କଳାର ବିକାଶକୁ ମଧ୍ୟ ପ୍ରଦର୍ଶିତ କରିଥାଏ ।




ମନେକର ଆମେ ସ୍ଥାନୀୟ, ଗ୍ରାମ ବା ସହରର ଜଣେ ହସ୍ତ ଶିଳ୍ପୀଙ୍କର ମାଟିରେ ତିଆରି ଏକ ପାତ୍ରକୁ ଚୟନ କଲୁ । ହସ୍ତକଳା ବିଷୟରେ ପାଠାଗାରର ପୁସ୍ତକଗୁଡିକ ସେମାନଙ୍କୁ ଅଧ୍ୟଧିକ ଜାଣିବାରେ ସାହାଯ୍ୟ କରେ । ଆବଶ୍ୟକୀୟ କୌଶଳର ଉତ୍ତମ ଧାରଣା ପାଇବା ନିମିତ୍ତ ସେମାନେ

ଟିପ୍ପଣୀ

ଟିପ୍ପଣୀ

ନିଜର ଛୋଟିଆ ପାତ୍ରଟିକୁ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରିବା ନିହାତି ଦରକାର । ତୁମ ନିଜ ଗ୍ୟାଲେରୀ ସୃଷ୍ଟି କରିବା ପାଇଁ ଭିଡିଓ ଚିତ୍ର ବା କ୍ୟାମେରାରେ ସ୍ଥିର ଚିତ୍ର ନିଆଯାଇପାରିବ । ସେମାନେ ନିଜ ପାତ୍ରକୁ କିପରି ତିଆରି କରିବେ ସେ ସଂପର୍କିତ ସଂପୂର୍ଣ୍ଣ ପ୍ରକ୍ରିୟା (ସୋପାନ ଭିତ୍ତିକ)ର ତଥ୍ୟ ଏହା ସେମାନଙ୍କୁ ପ୍ରଦାନ କରିଥାଏ । ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟ ତତ୍ତ୍ୱକୁ ପ୍ରଶଂସା କରିବାରେ ଏବଂ ସେମାନଙ୍କ ସାଂସ୍କୃତିକ ମୂଲ୍ୟବୋଧକୁ ଦୃଢିଭୂତ କରିବାରେ ଏହା ସାହାର୍ଯ୍ୟ କରେ ।

ଆପଣ ସ୍ଥାନୀୟ କୁମ୍ଭାରକୁ ମାଟିରେ ତିଆରି ପାତ୍ର ପ୍ରସ୍ତୁତିର ଏକ କର୍ମଶାଳା ଆୟୋଜନ ପାଇଁ ନିମନ୍ତ୍ରଣ କରିପାରନ୍ତି । ତୁମ ନିଜ ପରିକଳ୍ପନା ପ୍ରସ୍ତୁତ କର ଏବଂ ଏଥିରେ ରଙ୍ଗ ଦେବା ପାଇଁ ଚେଷ୍ଟା କର ।

ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମତରେ ଆଜି ଆମେ ଯାହାକୁ ଆମର ପରଂପରା ବୋଲି ସମ୍ମାନ ଦେଉଛେ ତାହା ଧାରାବାହିକ ବିକାଶ ଜନିତ କ୍ରମିକ ପରିବର୍ତ୍ତନର ଫଳ ଅଟେ । ପରଂପରା ଏକ ଆନ୍ଦୋଳନ ଯାହା ସୃଜନାତ୍ମକ ଭାବେ ସଜୀବ ।

### 1.3.2 ପର୍ଫମିଙ୍ଗ ଆର୍ଟର ଆବଶ୍ୟକତା ଓ ଗୁରୁତ୍ୱ

#### 1.3.2.1 ନାଚର ଦୁନିଆ

(କ) ଗତି ଓ ଅଭିବ୍ୟକ୍ତି

ଆସ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେବା

- ବିଭିନ୍ନ ପ୍ରକାରର ସମ୍ଭାବ୍ୟ ଗତିର ଅନୁସନ୍ଧାନ କରିବା।
- ସେମାନଙ୍କ କୌଶଳଗୁଡିକୁ ବୃଦ୍ଧି କରିବା
- ନିର୍ଦ୍ଦିଷ୍ଟ ଗତିଗୁଡିକର ପୁନରାବୃତ୍ତି କରିବାର ସାମର୍ଥ୍ୟ ।

ବିଷୟ: ସନ୍ ଡାନ୍ସ: ସୂର୍ଯ୍ୟ ନମସ୍କାର



(କ) ପ୍ରସ୍ତାବିତ ସମ୍ବଳ ସମୂହ :

- ପୁସ୍ତକ ଓ ଭିଟିଓ କ୍ଲିପ୍

ତୁମେ ଅନୁଭବ କରିବା ପରି ଗତି କର ଏବଂ ଗତି କରିବା ଭଳି ଅନୁଭବ କର .... ଶିଖିବା ପାଇଁ ଗତିଶୀଳ ହେବା ଏବଂ ସମ୍ପାଦନ କରିବା ।

ନୃତ୍ୟ ପ୍ରକାଶ କରିବାକୁ ଥିବା ଛୋଟ ଛୋଟ ପାଦ ପକାଇବା ମଧ୍ୟ ଶିକ୍ଷାର୍ଥୀମାନଙ୍କ ସହିତ ବିକାଶ କରାଯାଇ ପାରିବ । ସୂର୍ଯ୍ୟଙ୍କର ଧୀର ଉଷ୍ମତା / ମୃଦୁକିରଣର ପ୍ରତିଫଳନ ଏବଂ ଶିକ୍ଷାର୍ଥୀମାନଙ୍କର ସୂର୍ଯ୍ୟଙ୍କ କମନୀୟ ଗତି ସହିତ ବିଧି ପୂର୍ବକ ପୂଜା କରବାକୁ ଏଠାରେ ଗରୁତ୍ୱ ଦିଆଯାଏ । ଯେକୌଣସି ସଂଯୋଗ ଯଥା ମୃଦୁଗତି, ତୀକ୍ଷ୍ଣ / କମନୀୟ ବା ଯୋଗ ଆଦିକୁ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କୁ ସୂର୍ଯ୍ୟ ନମସ୍କାର କରିବାକୁ ସୁଯୋଗ ଦିଅ । ପ୍ରତ୍ୟେକ ଶିକ୍ଷାର୍ଥୀ ଆଗକୁ ଆସି ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଅଧିକ ଗତି ଓ ସ୍ଥାନ ନିମିତ୍ତ ଗଠନମାନ ଯୋଗକର ।

ପୃଥିବୀ ଓ ଏହାର ବାସିନ୍ଦାଙ୍କ ଉପରେ ସୂର୍ଯ୍ୟଙ୍କ ପ୍ରଭାବର ଆବେଗ ଓ ଭାବରୁ ନୃତ୍ୟ ଯାତ୍ରା ଆରମ୍ଭ କର ଏବଂ ଅଧିକତର ଭାବେ ସୂର୍ଯ୍ୟ ନମସ୍କାରର ଯୋଗ ପ୍ରକ୍ରିୟା ମାଧ୍ୟମରେ ସୂର୍ଯ୍ୟଙ୍କୁ ପୂଜା କରିବା ଓ ପରେ ତାଙ୍କଠାରୁ ଶକ୍ତି ପାଇବା ପାଇଁ ସୂର୍ଯ୍ୟଙ୍କୁ ଅନୁରୋଧ କର ।

ଟିପ୍ପଣୀ

(ଖ) ଧାରଣା ଓ ପ୍ରେରଣା ପରିବେଶ, ବିଭିନ୍ନ ପ୍ରକାର ରୂପର ଉଦଘାଟନ ଏବଂ ବ୍ୟକ୍ତିଗତ ଅନୁଭୂତିରୁ ନୃତ୍ୟ ମାଧ୍ୟମରେ ଧାରଣାଗୁଡିକ ପାଇଁ ଅଭିବ୍ୟକ୍ତି ଆସିଥାଏ । ଆମେ ଯେତେବେଳେ ଅନେକ ନୃତ୍ୟକୁ ଦେଖୁ - ଯେପରିକି ଶାସ୍ତ୍ରୀୟ ନାଚରେ କଥକ, କଥକଳି, କୁଚିପୁଡି ବା ଲୋକ ନୃତ୍ୟରେ ଯେପରି ବିହୁ, ଚିରାଉ, ନାଗାନୃତ୍ୟ, ଭାଗରା ନୃତ୍ୟ ଇତ୍ୟାଦି, ସେତେବେଳେ ଆମେ ବିଭିନ୍ନ ପ୍ରକାର ମୁଦ୍ରା, ଗତି, ଅବିବ୍ୟକ୍ତି, ସଂଗୀତ ତଥା ସୃଜନାତ୍ମକ ପ୍ରକାଶକୁ ପର୍ଯ୍ୟବେକ୍ଷଣ କରିଥାଉ ।

- କ୍ରୋଧ, ଶ୍ରଦ୍ଧା/ପ୍ରେମ, ସାହସ ବିରକ୍ତି ଓ ଅସନ୍ତୋଷ, ଭୟ, ଖୁସି, ଶାନ୍ତି, ଦୁଃଖ, ଅଶ୍ଚର୍ଯ୍ୟ ଆଦିକୁ ମନଯୋଗ ଦେଇ ଦେଖ ।



- ବିଭିନ୍ନ ପ୍ରକାର ଗତି ଓ କାର୍ଯ୍ୟ ମାଧ୍ୟମରେ ଶରୀରର ଉପଯୋଗ ସୃଷ୍ଟି କରୁଥିବା ବିଭିନ୍ନ ଆକୃତି ଓ ଗତିଶୀଳତାକୁ ପର୍ଯ୍ୟବେକ୍ଷଣ କର ।
- ଭାବନା / କାର୍ଯ୍ୟର ପ୍ରକାଶ ବା ପ୍ରକାଶରେ ସାହାଯ୍ୟ ପାଇଁ ପ୍ରସ୍ତୁତ ଅଙ୍ଗଭଙ୍ଗୀ ବିଷୟରେ କଥୋପକଥନ ।
- ନୃତ୍ୟର ତୁଳନା ଏବଂ ବୈଷମ୍ୟ ନିରୂପଣ ପାଇଁ ଏହି ସୂଚନାର ବ୍ୟବହାର ବସ୍ତୁର ଧାରଣା କରିବା ।

(ଗ) ନୃତ୍ୟ ନିର୍ଦ୍ଦେଶକମାନେ ସେମାନଙ୍କ ଗତିର ଧାରଣାଗୁଡିକୁ ଏକ ରୂପକୁ ଆଣନ୍ତି । କାରଣ ଯେ ପର୍ଯ୍ୟନ୍ତ ଏଗୁଡିକୁ ଏକ ରୂପ ଦିଆନଯାଇଛି ସେ ପର୍ଯ୍ୟନ୍ତ ବିକ୍ଷିପ୍ତ ଗତିଗୁଡିକ ଅର୍ଥହୀନ ହୋଇଥାଏ । ନୃତ୍ୟ ସୃଷ୍ଟି କରିବା ପାଇଁ ସେମାନେ ଗତିଗୁଡିକର କ୍ରମକୁ ବୁଝନ୍ତି ।

### ୧.୩.୨.୨ ନାଟକର ଦୁନିଆ

ବିଭିନ୍ନ ସଂସ୍କୃତି ଓ ଐତିହାସିକ ସମୟକାଳ ସାରା ଗୋଷ୍ଠୀର ଦୈନନ୍ଦିତ ଜୀବନକୁ ବୁଝିବାରେ ନାଟକର ଭୂମିକା ସଂପର୍କରେ ସଚେତନତାର ବିକାଶରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ଏକକଟି ପ୍ରସ୍ତୁତ କରାଯାଇଛି । ନାଟକକୁ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଏବଂ ସଂସ୍କୃତି ଓ ସମାଜର ଅଭିବ୍ୟକ୍ତି ରୂପେ ଦେଖିବାକୁ ଏହି ଏକକଟି ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ ଉପରେ ଆଲୋକପାତ କରିଥାଏ ।

(କ) ଧାରଣା ଏବଂ ପ୍ରେରଣା

- ନାଟକ ପାଇଁ ଧାରଣା ବିଭିନ୍ନ ସ୍ରୋତରୁ ଆସିଥାଏ ।

  ୧. କଳ୍ପନା

  ୨. ପରିବେଶ

  ୩. ବ୍ୟକ୍ତିଗତ ଅନୁଭୂତି ଦ୍ୱାରା

  ୪. ଇତିହାସ / ସାହିତ୍ୟ

ଟିପ୍ପଣୀ

୫. ଛବି, ଚଳଚିତ୍ର

୬. ମାଧ୍ୟମ

ନାଟକ ବିଭିନ୍ନ ଉପାୟରେ ଅଭ୍ୟାସ କରାଯାଏ ଯେପରି ଅଭିବ୍ୟକ୍ତି ସହ ଅଭିନୟ ମୁଖା ଲଗାଇ ପ୍ରକାଶ କରିବା, ବର୍ଣ୍ଣନା କରିବା ତଥା ବିଭିନ୍ନ ପ୍ରକାର ଗତିଦ୍ୱାରା ଇତ୍ୟାଦି ।

(ଖ) "ମୁଖା ଯାଦୁ" (ଆଖି, ପାଟି ଓ ପୁରା ମୁହଁକୁ ଢାଙ୍କିବା ପାଇଁ ମୁଖା ବ୍ୟବହାର କରାଯାଇପାରେ) ।

ମୁଖା ଏକ କୌତୁକିଆ କାର୍ଯ୍ୟ ଏବଂ ତଥାପି ଏହା ବିଭିନ୍ନ ଦିଗକୁ ପରିପ୍ରକାଶ କରିଥାଏ । ଏହା ସାଂକେତିକ ଭାବରେ ଗୋଟିଏ ଚରିତ୍ର ସୃଷ୍ଟି କରେ ଯେମିତି ନୀଳ ରଙ୍ଗର ଶରୀର ଓ ମୟୂରପୁଚ୍ଛ ଥିବା ଭଗବାନ ଶ୍ରୀକୃଷ୍ଣ, ଦଶ ମୁଣ୍ଡଯୁକ୍ତ ରାବଣ ଅଥବା ଯେକୌଣସି ଆଦିବାସୀ ଭାବନାର ପରିପ୍ରକାଶ । ପିଲାମାନେ ମୁଖା ପିନ୍ଧିବା ମାତ୍ରକେ ସେମାନେ ସେହି ଚରିତ୍ରକୁ ପରିବର୍ତ୍ତିତ ହୋଇଯାଆନ୍ତି, ଭୂମିକା ଅଭିନୟ ଆରମ୍ଭ କରନ୍ତି, କଳ୍ପନା ଓ ସଂଳାପ ପରିବେଷଣ ଏବଂ ଚାଲିଚଳନ କରିବା ଆରମ୍ଭ କରନ୍ତି ଏବଂ ଧୀରେ ଧୀରେ ସେହି ଚରିତ୍ରର ବାସ୍ତବତାକୁ ଅନୁଭବ କରିଥାନ୍ତି । ସାମାନ୍ୟତମ ସହାୟତା ଏବଂ ସୂଚନା ପିଲାଙ୍କୁ ଅନେକ କିଛି ଶିକ୍ଷା କରିବାର ସୁଯୋଗ ପ୍ରଦାନ କରେ ।

(ଗ) **ସାହିତ୍ୟ ପ୍ରତି ପ୍ରତିକ୍ରିୟା :**

ଐତିହାସିକ ତଥ୍ୟାବଳୀ, ଗୁରୁତ୍ୱପୂର୍ଣ୍ଣ ଲୋକକଥା, ସମସାମୟିକ ସାମାଜିକ ଘଟଣା ଇତ୍ୟାଦିକୁ ପରିବେଷଣ କରାଯାଇପାରିବ ।

(ଘ) **ବସ୍ତୁର ଧାରଣା କରିବା :**

ଶିକ୍ଷାର୍ଥୀମାନଙ୍କ ନିଜସ୍ୱ ନାଟକ ପାଇଁ ଆସୁଥିବା ଧାରଣାର ଉତ୍ସ ଏବଂ ପିଲାମାନେ କିପରି ନିଜସ୍ୱ କାର୍ଯ୍ୟକୁ ପ୍ରସ୍ତୁତ ଓ ଉପସ୍ଥାପନ କରନ୍ତି ତାହା ଉପରେ ଏହି ଏକକ ଗୁରୁତ୍ୱ ପ୍ରଦାନ କରିଥାଏ । ଏକ ନାଟକ ପ୍ରସ୍ତୁତ କରିବା ସମୟରେ ଶିକ୍ଷାର୍ଥୀମାନେ ସ୍ଥିରକରୁଥିବା ଗୁରୁତ୍ୱପୂର୍ଣ୍ଣ ବା ପ୍ରମୁଖ ପସନ୍ଦଗୁଡିକୁ ଦେଖିବା ଆରମ୍ଭ କରିଥାନ୍ତି ।

### ୧.୩.୨.୩ ସଂଗୀତର ଦୁନିଆ :

କଳାର ଏହି ରୂପଟି ବିଭିନ୍ନ ସଂସ୍କୃତି, ସମୟ କାଳ ଏବଂ ସେମାନଙ୍କ ଘରେ ଓ ଗୋଷ୍ଠୀରେ ଶିକ୍ଷାର୍ଥୀଙ୍କ ସଂଗୀତ ବୁଝିବା ଉପରେ ଗୁରୁତ୍ୱ ପ୍ରଦାନ କରେ ।



(କ) **ଶୁଣିବା ପାଇଁ ଶିକ୍ଷଣ :**

ବର୍ତ୍ତମାନ ଶବ୍ଦ ଶୁଣିବା, ଶବ୍ଦର ସୂକ୍ଷ୍ମ ଲକ୍ଷଣଗୁଡିକୁ ଚିହ୍ନଟ କରିବା ଏବଂ ଶବ୍ଦର ପ୍ରଭାବକୁ ବୁଝିବାର ଦକ୍ଷତା ଉପରେ କାର୍ଯ୍ୟ କରିବାର ସମୟ ।

ଶବ୍ଦକୁ ଅନ୍ୱେଷଣ କରିବାରେ ସେମାନଙ୍କୁ ସାହାଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସଂଗୀତ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଯଥା- ଡ୍ରମ୍, ସୀତାର, ଘଟକ ଇତ୍ୟାଦିର ଶବ୍ଦକୁ ଶୁଣିବା ଏବଂ ସେଗୁଡ଼ିକୁ ଚିହ୍ନଟ କରିବା ପାଇଁ ପିଲାମାନଙ୍କୁ ପ୍ରେରଣା ଦେବା ଉଚିତ୍ । ସେମାନଙ୍କୁ ଏ ବାବଦରେ ଉପଯୁକ୍ତ ଭାବେ ବୁଝିବା ପାଇଁ ଆଖି ବନ୍ଦ କରି ଶବ୍ଦ ଶୁଣାଅ ।

ଟିପ୍ପଣୀ

**ଆଗ୍ରହୋଦ୍ଦୀପକ କାର୍ଯ୍ୟ ସମୂହ :**

- ପାଣି ପୂର୍ଣ୍ଣ ସାତଟି ଚିନାମାଟି ପାତ୍ରକୁ ବ୍ୟବହାର କରି ଜଳତରଙ୍ଗ ପରି ତୁମର ନିଜସ୍ୱ ସଂଗୀତ ସମ୍ବନ୍ଧୀୟ ବାଦ୍ୟଯନ୍ତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟାକର ।
- ସାତଟି କୋକାକୋଲା ବୋତଲ ବ୍ୟବହାର କରି ଓ ବିଭିନ୍ନ ପ୍ରକାର ମୋଟେଇର ରବର ବ୍ୟାଣ୍ଡ ନେଇ କରି ଏକ ଗୀଟାର ପ୍ରସ୍ତୁତ କର ।

ପରସ୍ପର ପାଇଁ ବା ଅନ୍ୟ ଶ୍ରେଣୀ ପାଇଁ, ଯେ କୌଣସି ସଂରଚନା ବା ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଶବ୍ଦ ପାଇଁ ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟକରିବାକୁ ସୁଯୋଗ ଦିଅ ।

ଅଭିନୟ କିମ୍ବା ଗଳ୍ପ ସହ ସଂଗୀତର ସମ୍ପର୍କ :

**୧. ପ୍ରାରମ୍ଭିକ କାର୍ଯ୍ୟକ୍ରମ**

- ଶହଶହ ବର୍ଷ ଧରି କିପରି ଭାବରେ ବିଭିନ୍ନ କଳାକାର ପରସ୍ପରକୁ ପ୍ରେରଣା ପ୍ରଦାନ କରି ଆସିଛନ୍ତି ଆଲୋଚନା କର ।

- କାହାଣୀ ପ୍ରଦର୍ଶନ ପାଇଁ ଜୀବନ୍ତ ଚଳଚିତ୍ର ପ୍ରସ୍ତୁତ କରାଯାଇଛି । (ବିଶେଷ ସଂଗୀତ ସହ ହନୁମାନ କିମ୍ବା ମୋଗଲୀ କିମ୍ବା ୱାଲଟ ଡିସନୀ କାର୍ଯ୍ୟକ୍ରମ ଶିକ୍ଷଣ ପାଇଁ ଉତ୍ତମ ଅଟେ ।

**୨. ମୁଖ୍ୟ କାର୍ଯ୍ୟକ୍ରମ** ଛଅ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଗୋଟିଏ ଦଳ କର, ସଙ୍ଗୀତ ଆଧାରିତ କଣ୍ଢେଇ ନାଚ ପାଇଁ ସେମାନେ ଚିନ୍ତା କରୁଥିବା ଏକ ସରଳ କାହାଣୀକୁ ବାଛ ଯାହା ଏଥି ନିମିତ୍ତ ଏକ ଉତ୍ତମ ଆଧାର ହେବ । କାହାଣୀର ଘଟଣାବଳୀ, ଚରିତ୍ର ଏବଂ ବିଷୟ ବସ୍ତୁ ନିର୍ଦ୍ଧାରଣ କରିବାକୁ କାହାଣୀକୁ ସମୀକ୍ଷା କରିବାକୁ ସେମାନଙ୍କୁ ଦିଅ ।

ଶିକ୍ଷାର୍ଥୀମାନେ ଛୋଟଛୋଟ ଦଳରେ ମଧ୍ୟ କାର୍ଯ୍ୟ କରିପାରିବେ :

- କିଛି କ୍ଷୁଦ୍ର ସଂଗୀତ ପ୍ରସ୍ତୁତ କରିବା
- ଏକ କ୍ଷୁଦ୍ର ପାଣ୍ଡୁଲିପି ରଚନା କରିବା
- ସଂଗୀତ କାର୍ଯ୍ୟକ୍ରମ ପାଇଁ କଣ୍ଢେଇ ଚରିତ୍ର ପ୍ରସ୍ତୁତ କରିବା
- ଏକ କଣ୍ଢେଇ ନାଚ ମଞ୍ଚ ପ୍ରସ୍ତୁତ କରିବା
- ଯେକୌଣସି ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ କରିବା
- ପ୍ରଚାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିବା

**୩-ପରିସମାପ୍ତି କାର୍ଯ୍ୟକ୍ରମ:**

ଶିକ୍ଷାର୍ଥୀମାନଙ୍କୁ ଅନ୍ୟ ଶ୍ରେଣୀଗୁଡିକ ପାଇଁ ସେମାନଙ୍କ କଣ୍ଢେଇ ନାଚ ପରିବେଷଣ ପାଇଁ ସୁଯୋଗ ଦିଅ ।

କିଛି ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣ ପରାମର୍ଶ:-

-ଜଣେ କଳାକାରଙ୍କ ସହ ସାକ୍ଷାତକାର ଏବଂ ସେହି କଳାକାରଙ୍କ ଠାରୁ ସଙ୍ଗୀତର ପ୍ରକାରକୁ ବୁଝିବାକୁ ଶିକ୍ଷାର୍ଥୀମାନଙ୍କୁ କୁହ ।

-ବ୍ୟବହୃତ ବିଭିନ୍ନ ପ୍ରକାରକୁ ଆବିଷ୍କାର କରିବା ପାଇଁ ପୂର୍ବରୁ ରେକର୍ଡ଼ କରାଯାଇଥିବା ବିଭିନ୍ନ ପ୍ରକାରର ସଂଗୀତକୁ ଶୁଣ ।



ଟିପ୍ପଣୀ

**ଏକ ବୃତ୍ତି ଭାବରେ ସଚେତନତା:-**

ସଂଗୀତର ପ୍ରମୁଖ ଭୂମିକା ଥିବା ବିଭିନ୍ନ ବୃତ୍ତିର ତାଲିକା ପ୍ରସ୍ତୁତ କର; ଉଦାହରଣ ସ୍ୱରୂପ-ଗାୟକ, ସଂଗୀତଜ୍ଞ, ଡିସ୍କ ଜକି, ଶବ୍ଦ ବୈଷୟିକବିତ୍, ସମୂହ ସଂଗୀତ ଆୟୋଜନକାରୀ ଏବଂ ସଂଗୀତ ଶିକ୍ଷକ ଓ ସଂଗୀତକାର ଇତ୍ୟାଦି ।

**ନିଜ ଅଗ୍ରଗତି ଆକଳନ- ୩**

୧-ତୁମ ଚତୁଃପାର୍ଶ୍ୱରେ ତୁମେ ଶୁଣୁଥିବା ବିଭିନ୍ନ ପ୍ରକାର ଶବ୍ଦଗୁଡ଼ିକ କ'ଣ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

୨-ଉପସ୍ଥାପନ କଳା ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରଦର୍ଶନର ପଦ୍ଧତିଗୁଡ଼ିକ କ'ଣ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

୩- 'ଭାରତବର୍ଷରେ ସଂଗୀତ ଆମ ଜୀବନର ଏକ ଅଂଶ'-ଏହି ଉକ୍ତିକୁ ବ୍ୟାଖ୍ୟା କର ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------

**୧.୩.୩ ଶିଶୁ କଳାକୁ ବୁଝିବା:**

ସୌନ୍ଦର୍ଯ୍ୟକୁ ଭଲ ପାଇବା ରୁଚି ଅଟେ । ସୌନ୍ଦର୍ଯ୍ୟ ସୃଷ୍ଟି କଳା ଅଟେ ।

**ଦୃଶ୍ୟ କଳା:**

ପିଲାଟିଏ ଧୀରେ ଧୀରେ ଶିଖେ । କ୍ରେୟନ୍ ଓ ପେନ୍‌ସିଲ୍ ଦ୍ୱାରା ପ୍ରଥମ କାର୍ଯ୍ୟ ଏଣୁତେଣୁ ଲିଖନ ଅଟେ । ଏହା ସେମାନଙ୍କ ଚଳମାନ ଦକ୍ଷତା ଫଳାଫଳର ଉପଯୁକ୍ତ ପରିପ୍ରକାଶ ଏବଂ ସେମାନଙ୍କର ପ୍ରମୁଖ କଳାକୃତି ଅଟେ ।

**ଅମୂର୍ତ୍ତ ଛବି ସମୂହ:**

ପ୍ରାୟତଃ ତିନି ବର୍ଷରୁ ପିଲାଟି ବୃତ୍ତ ଓ ରେଖାକୁ ଯୋଡ଼ି ସରଳ ଚିତ୍ରମାନ ତିଆରି କରିଥାଏ । ଆମେ ଲକ୍ଷ୍ୟ କରିଥିବା ଯେ ପିଲାମାନେ ଶରୀର ନଥାଇ ମୁଣ୍ଡ ଓ ମୁଣ୍ଡରୁ ସିଧାସଳଖ ହସ୍ତମାନ ତିଆରି କରିଥାନ୍ତି । ବେଳେବେଳେ ବଡ଼ବଡ଼ ଆଖି ତିଆରି କରିଥାନ୍ତି ଯାହା ମୁହଁର ଅଧିକାଂଶ ଅଂଶକୁ ଆଚ୍ଛାଦିତ କରିଥାଏ ଏବଂ ହାତ ଓ ଗୋଡ଼କୁ ସେମାନେ ସହଜରେ ଭୁଲିଯାଇଥାନ୍ତି ।

**ସଙ୍କେତବାଦ:**

ଏବେ ପାଞ୍ଚ ବର୍ଷ ପାଖାପାଖିରେ ସେମାନେ ପ୍ରତିଛବିର ଏକ ଭଣ୍ଡାର/କୋଷ ତିଆରି କରନ୍ତି । ଗୋଟିଏ ଶିଶୁ ଏକ ଘର, ବିଲେଇ, କୁକୁର କିମ୍ବା ପକ୍ଷୀର ଚିତ୍ର ଅଙ୍କନ କରିଥାଏ ଯେଉଁଥିରେ ମୂଳ ପ୍ରତିକୃତି ପରିବର୍ତ୍ତିତ ହୋଇଯାଇଥାଏ (ଯେମିତିକି କୁକୁର ଦେହରେ ଟିକା, ବିଲେଇ ଦେହରେ ପଟାପଟା ଦାଗ ଏବଂ ସବୁଜ ରଙ୍ଗର ଡେଣାଥିବା ଚଢ଼େଇ/



ପକ୍ଷୀ) । ମୂଳ ଆକାରକୁ ସଙ୍କେତ କୁହାଯାଏ । ପ୍ରତ୍ୟେକ କ'ଣ ଅଙ୍କନ ହୋଇଛି ତୁଳନାରେ କ'ଣ ନିରୀକ୍ଷଣ କରିଛନ୍ତିକୁ ଆଧାର କରି ନିଜନିଜର ବୋଧଶକ୍ତି ଅନୁସାରେ ନିଜର ସଙ୍କେତସମୂହ ବିକଶିତ କରିଥାନ୍ତି ।

**ବାସ୍ତବବାଦ:**

ପିଲାମାନଙ୍କ ଅଭିବୃଦ୍ଧି ଅନୁସାରେ ସେମାନେ ସେମାନଙ୍କର ସଙ୍କେତକୁ ନ୍ୟୁନ କରିବା ଆରମ୍ଭ କରନ୍ତି । ପିଲା ବିଶେଷ କରି ଉତ୍ତରୋତ୍ତର ଆବିଷ୍କାର କରେ ।

**ପର୍‌ଫର୍ମିଂ ଆର୍ଟ/ ଉପସ୍ଥାପନ କଳା:**

ପିଲାମାନେ ଜନ୍ମରୁ ସେମାନଙ୍କ ମା'ଙ୍କ ଡାକ ବା ନାନାବାୟା ଗୀତକୁ ଶୁଣିଥାନ୍ତି । ବୟସ ବୃଦ୍ଧି ଅନୁସାରେ ସେମାନେ ଶବ୍ଦ ଶୁଣନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରନ୍ତି । ପିଲାଟି ମଣିଷ ଓ ପ୍ରକୃତିର ଶବ୍ଦ ପ୍ରତି ଅତ୍ୟଧିକ ଆକର୍ଷିତ ହୋଇଥାଏ । ମୁଁ ଲକ୍ଷ୍ୟ କରିଛି, ବାହାରେ ବର୍ଷାର ଟପ୍‌ଟପ୍ ଶବ୍ଦ ଶୁଣି ପିଲାମାନେ ଝରକା ନିକଟକୁ ଆନନ୍ଦରେ ଦୌଡ଼ି ଯାଇଥାନ୍ତି । ସେମାନଙ୍କ ଉପରେ ବର୍ଷା ପାଣି ପଡ଼ିବା କ୍ଷଣି ସେମାନେ ମାଟିର ବାସ୍ନା ବାରିଥାନ୍ତି ଏବଂ ସେମାନଙ୍କର ଉଲ୍ଲାସ ପ୍ରଦର୍ଶନ କରିଥାନ୍ତି । ଆକାଶରେ ବିଜୁଳି ଚମକରେ ସେମାନେ ଆକର୍ଷିତ ହୋଇଥାନ୍ତି ଓ ଉପରକୁ ଚାହାନ୍ତି, ଆଶ୍ଚର୍ଯ୍ୟ ହୁଅନ୍ତି ମାତ୍ର ଘଡ଼ଘଡ଼ି ଶବ୍ଦରେ ସେମାନେ ଭୟଭୀତ ହୋଇଯାଆନ୍ତି । ଏହି ସମସ୍ତ ଆବେଗ କ୍ରମଶଃ ବୃଦ୍ଧି ପାଏ ଏବଂ କଳାର ମୌଳିକତା ଆପେଆପେ ସେମାନଙ୍କଠାରେ ଆତ୍ମପ୍ରକାଶ କରେ । ଉତ୍ସବ ସମୟରେ ବା ପରିବାର ଏକାଠି ହେବା ସମୟରେ ସେମାନେ ଆନନ୍ଦରେ ତାଳି ମାରନ୍ତି, କୌତୁକିଆ ପୋଷାକ ପିନ୍ଧିବାକୁ ଭଲପାଆନ୍ତି, ଘର ଭିତରେ ବା ବାହାରର ସାଜସଜ୍ଜାକୁ ପ୍ରଶଂସା କରନ୍ତି ଏବଂ ପରିବାର ସଦସ୍ୟ ଓ ସାଙ୍ଗମାନଙ୍କ ସହ ପ୍ରାର୍ଥନା କରନ୍ତି, ଗୀତ ଗାଆନ୍ତି ଓ ନାଚନ୍ତି । ଏହି ସମସ୍ତଗୁଡ଼ିକ ବିଭିନ୍ନ କ୍ଷେତ୍ରର ଉପସ୍ଥାପନ କଳାର ଶିକ୍ଷାଗ୍ରହଣ କରିବା, ପ୍ରଶଂସା କରିବା ଓ ଅଂଶଗ୍ରହଣ କରିବାର ପ୍ରଥମ ସୋପାନ ଅଟେ । କ୍ରମଶଃ ବିଭିନ୍ନ ପ୍ରକାର କଳା ସଂସ୍ପର୍ଶରେ ଆସିବା ଏବଂ ପରିଚୟ ହେବା ଦ୍ୱାରା କଳାର ବିଭିନ୍ନ ପ୍ରକାର ସମ୍ପର୍କରେ ପିଲାମାନେ ଶିକ୍ଷା କରନ୍ତି । ସେମାନେ ଆନନ୍ଦିତ ହୁଅନ୍ତି ଏବଂ ପରମ୍ପରା, ଐତିହ୍ୟପୂର୍ଣ୍ଣ ଅତୀତ ବିଷୟରେ ଜ୍ଞାନ ଆହରଣ କରନ୍ତି, କାହାଣୀ ଶୁଣନ୍ତି ଏବଂ କ୍ରମଶଃ ବିଭିନ୍ନ ପ୍ରକାର କଳାର ନିର୍ଯ୍ୟାସ ଲାଭ କରନ୍ତି । ସଂଗୀତ ପରିବେଷଣ ଓ ନୃତ୍ୟର ବିଭିନ୍ନ ଅଙ୍ଗଭଙ୍ଗୀ (ମୁଦ୍ରା) ବୃଦ୍ଧି ଅନୁସାରେ ଅଧିକ ଜ୍ଞାନ ପ୍ରଦାନ କରେ । ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ସାମିଲ ହେବା ପରେ ସେମାନେ ଯେଉଁ ଉତ୍ସାହ ଓ ଉଦ୍ଦୀପନା ଲାଭ କରନ୍ତି ତାହା ସେମାନଙ୍କୁ ଶିକ୍ଷଣରେ ଓ ଦ୍ରୁତ ଆହରଣ କରିବାରେ ସାହାଯ୍ୟ କରିଥାଏ ଓ ଶିକ୍ଷଣ ଜୀବନସାରା ମନେ ରହେ । ସ୍ନାୟୁବିକ ବିଜ୍ଞାନ ମତରେ କଳା ଅନୁଭୂତି ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବିକଶିତ ଓ କ୍ରିୟାଶୀଳ କରାଏ; ଯାହା ଫଳରେ ଶିଶୁଠାରେ ବହୁବିଧ ବିଜ୍ଞତା ବୃଦ୍ଧି ଘଟେ । ତେଣୁ ପିଲା ବେଳରୁ ସରଳ ସଙ୍ଗୀତ ଓ ଅଧିକ ତାଳ ପିଲାର ଶିକ୍ଷଣରେ ସହାୟତା କରେ । ଅଭିନୟ ପଦ୍ଧତିରେ ନାଟକ ସେମାନଙ୍କୁ ଅଧିକ ସନ୍ନିବିଷ୍ଟ କରାଏ । ସରଳ ଚଳନ ମଧ୍ୟ ପିଲା ପାଇଁ ହିତକର । ଦକ୍ଷତା ଓ ବିଶେଷ ଜ୍ଞାନକୁ ବୁଝିବାରେ ପିଲାକୁ ସହାୟତା ପ୍ରଦାନ କରିବା ପାଇଁ ଏସବୁ କ୍ରମଶଃ ବ୍ୟବସ୍ଥିତ ହୋଇପାରେ ।

**ଆରୋଗ୍ୟପ୍ରଦ:**

କଳା ଚିକିତ୍ସା ପିଲାମାନଙ୍କ ବିକାଶ ଏବଂ ସେମାନଙ୍କୁ ସେମାନଙ୍କ ଆବେଗ ସହ ଯୋଡ଼ିବା ପାଇଁ ଏକ ପ୍ରଭାବୀ ପନ୍ଥା ହୋଇପାରେ ।

- ଏହା ମଧ୍ୟ ଦେଖାଯାଇଛି ଯେ ମାନସିକ ଅନଗ୍ରସର ପିଲାଙ୍କୁ ସେମାନଙ୍କ ଭାବନା ପରିପ୍ରକାଶ କରିବାରେ ଚିତ୍ରାଙ୍କନ ସାହାଯ୍ୟ କରିଥାଏ ।
- ସେହିପରି ଯୁଦ୍ଧ/ଅପରାଧର ଶିକାର ହୋଇ ଭୀତତ୍ରସ୍ତ ହୋଇ ନିଜର ଭାବନାକୁ କଥାରେ ବଖାଣିବାକୁ ଅକ୍ଷମ ପିଲାମାନେ କଳା ଜରିଆରେ ସେମାନଙ୍କ ରାଗରୋଷକୁ ପ୍ରଦର୍ଶିତ କରିଥାନ୍ତି ।
- ସେହି ଧରଣର ସ୍ଥିତିରେ ପିଲାମାନଙ୍କୁ ସେମାନଙ୍କ ଭାବାବେଗ ପ୍ରକାଶ କରିବାରେ କଳା ସହାୟତା କରିଥାଏ ।
- ଜଣେ ରାଗୀ କଳାକାର କ୍ୱଚିତ ଦେଖାଯାଇଥାନ୍ତି । କାରଣ କଳାକାର କଳାତ୍ମକ ପରିପ୍ରକାଶ ଜରିଆରେ ସେମାନଙ୍କ ଭାବାବେଗକୁ ସରଳ ଭାବେ ପ୍ରଶମିତ କରିଥାନ୍ତି ।

## ୧.୪ ଆଞ୍ଚଳିକ କଳା ଓ ହସ୍ତକଳାର ଜ୍ଞାନ (ସ୍ଥାନୀୟ)

### ୧.୪.୧ ଆଞ୍ଚଳିକ କଳା ଓ ହସ୍ତକଳା କ'ଣ ?

- ଆଞ୍ଚଳିକ ସ୍ତରରେ ଲୋକମାନଙ୍କ ମଧ୍ୟରେ ସୃଷ୍ଟ କଳା ସେମାନଙ୍କ ସଂସ୍କୃତିର ପ୍ରତିଫଳନ କରେ । ବିଭିନ୍ନ ଗୋଷ୍ଠୀ ସମୂହ-ମୂଳ ବାସିନ୍ଦା, ଜନଜାତି, ଧାର୍ମିକ, କୌଳିକ ଏବଂ ଭୌଗୋଳିକ ଗୋଷ୍ଠୀର ପାରମ୍ପରିକ କଳାକୁ ଏହା ପ୍ରତିଫଳିତ କରେ ।
- ଏହା ବିଦ୍ୟାଳୟ ଶିକ୍ଷା କରିନଥିବା ଏକ ଗୋଷ୍ଠୀର କାର୍ଯ୍ୟ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ପରମ୍ପରାକୁ ଉଜ୍ଜୀବିତ କରିରଖିଥାନ୍ତି । ଲୋକ କଳାକାର ସ୍ଥାନୀୟ ଗୋଷ୍ଠୀରୁ ଅଣଆନୁଷ୍ଠାନିକ ଭାବରେ ପାରମ୍ପରିକ ଦକ୍ଷତା ଓ କୌଶଳ ହାସଲ କରିଥାନ୍ତି ।
- ଏହାର ନିଜସ୍ୱ କଳାକୌଶଳ ରହିଛି ମାତ୍ରସେମାନେ ଆନୁପାତିକ ଓ ଲୟ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ନୁହନ୍ତି ।
- ଦୃଶ୍ୟ କଳା ପ୍ରାଥମିକ ଭାବରେ ବିଷୟଭିତ୍ତିକ ଓ ପରେ ଏହାକୁ ଆଳଙ୍କାରିକ ସାମଗ୍ରୀ ଯଥା- କପଡ଼ା, କାଗଜ, ମାଟି, କାଠ, ତନ୍ତୁ, ଧାତୁ ଏବଂ ଆହୁରି ଅନେକରେ ସୁଦୃଶ୍ୟ କରାଯାଇଥାଏ ।

### ୧.୪.୨ ପ୍ରାରମ୍ଭିକ ଶିକ୍ଷାରେ ଆଞ୍ଚଳିକ କଳା ଓ ହସ୍ତକଳାର ସମ୍ବନ୍ଧ

ପ୍ରାରମ୍ଭିକ ସ୍ତରରେ ଆଞ୍ଚଳିକ କଳା ଓ ହସ୍ତକଳା ସମ୍ବନ୍ଧୀୟ ସଚେତନତା ସାହାଯ୍ୟ କରେ:-

୧-ଭାରତର ବହୁବିଧ ସାଂସ୍କୃତିକ ବିଚାରଧାରା ବିଷୟରେ ପିଲାମାନଙ୍କୁ ସଚେତନ କରିବା-ସ୍ଥାନୀୟ ହସ୍ତକଳା ସଂକ୍ରାନ୍ତରେ ସଚେତନ କରିବା ।

୨-ପାରମ୍ପରିକ ଓ ସମକାଳୀନ କଳା ଓ କଳାକୃତିର ସ୍ୱୀକୃତି ଓ ପ୍ରଚାର ।

୩-ହସ୍ତକଳା, କୁଟୀର ଶିଳ୍ପର ପ୍ରଚାର ଏବଂ କଳାକାରଙ୍କ ଦକ୍ଷତା ଏବଂ ସମାଜକୁ ସେମାନଙ୍କ ଅବଦାନକୁ ପ୍ରଶଂସା ଜରିଆରେ ଆତ୍ମନିଯୋଜନ କାର୍ଯ୍ୟକ୍ରମର ପ୍ରଚାର । ଏହା କଳା ଏବଂ ଆମ ସାଧାରଣ ଐତିହ୍ୟର ସଂରକ୍ଷଣ ଦିଗରେ ଏକ ସାମାଜିକ ଦାୟିତ୍ୱକୁ ବଳବତ୍ତର କରିବ ।

### ୧.୪.୩ ଲୋକ ବସ୍ତୁ ଓ ପାରମ୍ପରିକ କଳା ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବା

ଭାରତ କଳା ଓ ହସ୍ତକଳା ପରମ୍ପରାରେ ସମୃଦ୍ଧ ଯେଉଁଠାରେ କାରିଗରୀ କୌଶଳ ପିଢ଼ିରୁ ପିଢ଼ି ହସ୍ତାନ୍ତରଣ ହୋଇଆସିଥାଏ । ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ଆକର୍ଷଣୀୟ ହସ୍ତକଳାରେ ସ୍ଥାନୀୟ କାରିଗରଙ୍କ ପାରଦର୍ଶିତା ପ୍ରତିଫଳିତ । ଏହା ମଧ୍ୟ ଲୋକଦଳ, ପ୍ରଥା, ଭାବ, ସୁନ୍ଦରତା ଏବଂ କଟକଣାକୁ ପ୍ରତିଫଳନ କରେ ।

**କାର୍ଯ୍ୟକ୍ରମ:** ପିଲାମାନଙ୍କୁ ଗୃହରୁ କେତେକ ପାରମ୍ପରିକ କଳାର ଲୋକ ବସ୍ତୁ ଯଥା-କାଶ୍ମୀରରୁ ମା' ପାଇଥିବା କାଙ୍ଗ୍ରି, ଜେଜେମା' କୁଟିକମ କରିଥିବା ଏକ ବିଞ୍ଚଣା/ତକିଆ/ଶାଢ଼ୀ କିମ୍ବା ଖାଦ୍ୟ ପଦାର୍ଥ ଯେମିତିକି ଢୋକଲା, ହାଲୁଆ ବା ପରିବାରରେ ସ୍ୱତନ୍ତ୍ର ଉତ୍ସବ ଅବସରରେ ପ୍ରସ୍ତୁତ ହେଉଥିବା ରସଗୋଲା ଆଣିବାକୁ କୁହ । ଏସବୁକୁ ନେଇ କାହାଣୀ ରଚନା କର ଏବଂ ସଂସ୍କୃତି ଓ ସମାଜ ବିଷୟରେ ଶିକ୍ଷାଦାନ କର ।

**ଟିପ୍ପଣୀ:-** ବଦଳାଯାଇ ପାରୁନଥିବା ବସ୍ତୁର କ୍ଷତି ରୋକିବା ପାଇଁ କ୍ଷୟିଷ୍ଣୁ, ବ୍ୟୟବହୁଳ ଅଥବା ଅତି ମୂଲ୍ୟବାନ ବସ୍ତୁ ଆଣିବାକୁ ଛାତ୍ରଛାତ୍ରୀଙ୍କୁ ନିରୁତ୍ସାହିତ କର । ତୁମେ ମଧ୍ୟ ପିତାମାତା, ଜେଜେ, ଜେଜିମା' କିମ୍ବା ତୁମ ଗୋଷ୍ଠୀର ଜଣାଶୁଣା ପାରମ୍ପରିକ କଳାକାରଙ୍କୁ ତୁମ ଶ୍ରେଣୀକୁ ଆମନ୍ତ୍ରଣ କରି ପାରିବ ।

**ବ୍ୟାଖ୍ୟା ଓ ଆଲୋଚନା:-**

-ଲୋକ ବସ୍ତୁ ସ୍ପର୍ଶଯୋଗ୍ୟ ଓ ହସ୍ତନିର୍ମିତ ପଦାର୍ଥ ଯାହାକୁ ଲୋକମାନେ ତିଆରି କରିଥାନ୍ତି ସେମାନଙ୍କ ଲୋକଦଳ ମଧ୍ୟରେ ଆବଣ୍ଟନ କରିଥାନ୍ତି ।

-ଅନେକ ସମୟରେ ଲୋକବସ୍ତୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲେ ମଧ୍ୟ ତାହା ପୂରା ଗୋଷ୍ଠୀର ଢାଞ୍ଚାକୁ ପ୍ରତିଫଳିତ କରିଥାଏ ।

-ଲୋକବସ୍ତୁର ପ୍ରସ୍ତୁତିରେ ଦକ୍ଷତା, ଧାରଣା, ସୌନ୍ଦର୍ଯ୍ୟ,ରଙ୍ଗ ଓ ଢାଞ୍ଚାଗତ ପରିପାଟୀ ଅନ୍ତର୍ଭୁକ୍ତ ।

-ଅନେକ ଲୋକ ବସ୍ତୁ ବିଶେଷ ଏପରିକି ଧାର୍ମିକ ଉତ୍ସବାନୁଷ୍ଠାନରେ ବ୍ୟବହୃତ ହୋଇଥାଏ ।

ଏହା ବିବିଧ ସଂସ୍କୃତି ସମ୍ପର୍କରେ ପରିଚିତ କରାଏ ଏବଂ ପାରମ୍ପରିକ କଳାକୁ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ପ୍ରଶଂସା କରେ । ହାତ ତିଆରି ବସ୍ତୁର ପ୍ରସ୍ତୁତି ଜାଣିବା ଦ୍ୱାରା ଆମେ ଏକ ଗୋଷ୍ଠୀର କ୍ଷମତାକୁ ଜାଣିପାରୁ ଓ ଗୋଷ୍ଠୀକୁ ବୁଝିପାରୁ । ଉଦାହରଣ ସ୍ୱରୂପ- ଏକ ମଧୁବନୀ ଚିତ୍ରକୁ ଅବଲୋକନ କରିବା ପରେ ତୁମକୁ ତାହାର ଢାଞ୍ଚା ପ୍ରସ୍ତୁତି, ସମାନତା, ପରିପାଟୀ, ରଙ୍ଗକାମ ଏବଂ ସ୍ଥାନର ବ୍ୟବହାର ବିଷୟରେ ଆଲୋଚନା କରିବାକୁ ସୁଯୋଗ ମିଳିଥାଏ ।



ଫଟୋରେ ଏକ ମଧୁବନୀ କଳା ପ୍ରଦର୍ଶିତ ହୋଇଛି ଏବଂ ପାଖରେ ଏକ ପାତ୍ରରେ ଆଖୁ ଖଣ୍ଡ ରଖାଯାଇଛି । ଏଥିରୁ ସ୍ପଷ୍ଟ ଯେ ବିହାରର ଲୋକମାନେ ଶସ୍ୟ ଅମଳ ସମୟରେ ପୂଜାର୍ଚ୍ଚନା କରିଥାନ୍ତି ।

**ନିଜ ଅଗ୍ରଗତି ଆକଳନ-୪**

୧- ନିମ୍ନଲିଖିତ ରାଜ୍ୟମାନଙ୍କର ନିର୍ଦ୍ଦିଷ୍ଟ ପାରମ୍ପରିକ କଳା କ'ଣ ?

(କ) ମହାରାଷ୍ଟ୍ର-----------------------------------------------------

(ଖ)ଗୁଜରାଟ -----------------------------------------------------

(ଗ) ପଞ୍ଜାବ -----------------------------------------------------

(ଘ) ରାଜସ୍ଥାନ -----------------------------------------------------

୨- ତୁମେ କେଉଁ ସମ୍ପ୍ରଦାୟର ? ତୁମ ସମ୍ପ୍ରଦାୟ/ଗୋଷ୍ଠୀର ସମସ୍ତ ପାରମ୍ପରିକ କଳା ଓ ହସ୍ତକଳାକୁ ଲେଖ ।

----------------------------------------------------------------------

----------------------------------------------------------------------

----------------------------------------------------------------------

**୧.୫ ସମକାଳୀନ କଳା ଓ କଳାକାର ଏବଂ ଦୃଶ୍ୟକଳା ଓ ପର୍‌ଫର୍ମିଂ କଳା କ୍ଷେତ୍ରରେ କାରିଗରଙ୍କ ଜ୍ଞାନ:**

ଅଜଣା ସମୟରୁ ଭାରତ କଳାକାରଙ୍କ ମାଟି ରହିଆସିଛି । କଳାର ସମସ୍ତ କ୍ଷେତ୍ରର ଅଦ୍ୱିତୀୟ କଳାକାର ରହିଛନ୍ତି ଯେଉଁମାନେ ବିଭିନ୍ନ ଅଞ୍ଚଳର ସଂସ୍କୃତିକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିଥାନ୍ତି । ସଂଗୀତରେ ଆମର ବୀରଭୂମ୍‌ର ବାଉଲସ୍‌ଙ୍କ ପରି କଳାକାର ଯେଉଁମାନେ ଜୀବନର ମାନବ ଦର୍ଶନ ସଂକ୍ରାନ୍ତ ସଂଗୀତ ଗାନ କରିଛନ୍ତି ଅଥବା ଯକ୍ଷଗଣ ପରିବେଷଣ କରୁଥିବା କେରଳର ଲୋକ ରଙ୍ଗମଞ୍ଚ ଦଳ ମଧ୍ୟ ରହିଛନ୍ତି । ଲୋକକଳାରେ ଆମର ପାରମ୍ପରିକ ଲୋକକଳା ଯଥା- **ପଟ୍ଟଚିତ୍ର, ପିଚୁଆଇ, ଅଲ୍ପନା, କୋଲାମ** ଇତ୍ୟାଦି ରହିଛି । ବିଭିନ୍ନ କ୍ଷେତ୍ରରେ ଅଧିକାଂଶ ଗ୍ରାମ୍ୟ କଳାକାର ରହିଛନ୍ତି ଯେଉଁମାନେ କୌଣସି ଆନୁଷ୍ଠାନିକ ତାଲିମପ୍ରାପ୍ତ ନୁହନ୍ତି । କଳାକୌଶଳ ସେମାନଙ୍କୁ ପିଢ଼ି ପରେ ପିଢ଼ି ହସ୍ତାନ୍ତରଣ ହେଉଛି । ଆନୁଷ୍ଠାନିକ ଶିକ୍ଷା ଶାସ୍ତ୍ରୀୟ କଳା କ୍ଷେତ୍ରରେ ପ୍ରଦାନ କରାଯାଉଛି ଯେହେତୁ ସେହି କ୍ଷେତ୍ରରେ ଅତି ସୂକ୍ଷ୍ମାତି ସୂକ୍ଷ୍ମ ପାର୍ଥକ୍ୟ ସହ ବ୍ୟାପକ ତର୍ଜମା ଉପଲବ୍ଧ ।

କଳାକାରଙ୍କ ତାଲିକା ଦୀର୍ଘ ଏବଂ କ୍ଷେତ୍ରଗୁଡ଼ିକ ମଧ୍ୟ ନୃତ୍ୟ, କଣ୍ଢେଇନାଚ, ସଂଗୀତ, ସଂଗୀତ ସମ୍ବନ୍ଧୀୟ ବାଦ୍ୟଯନ୍ତ୍ର, ଚିତ୍ର, ଭାସ୍କର୍ଯ୍ୟ ପରି ଭିନ୍ନଭିନ୍ନ । ଅଧିକ ପ୍ରସ୍ତାବନା ନିମନ୍ତେ କେତେକ କଳାକାର, ନାଚଦଳ, କାରିଗରଙ୍କ ନାମ ନିମ୍ନରେ ପ୍ରଦାନ କରାଗଲା । ଏହି ତାଲିକା ବ୍ୟକ୍ତିଗତ ଭାବରେ ଶିକ୍ଷକ ପ୍ରସ୍ତୁତ କରିପାରିବେ ଯାହା ଭବିଷ୍ୟତରେ ବ୍ୟବହାର ନିମନ୍ତେ ଏକ ମୂଲ୍ୟବାନ ତଥ୍ୟ ଭଣ୍ଡାର ହୋଇପାରିବ ।

ଟିପ୍ପଣୀ

**ସମକାଳୀନ କଳା:-**

ଆମ ଦେଶରେ କେତେକ ପ୍ରକାରର ଦୃଶ୍ୟକଳା ହେଲା-

- କୋଲାମ ବା ଅଳ୍ପନା-କେରଳ ଓ ପଶ୍ଚିମବଙ୍ଗରେ ଚଟାଣ ଚିତ୍ର
- ଫୁଲକାରୀ-ପଞ୍ଜାବରେ କରାଯାଉଥିବା ସୂତାକାମ
- ଶ୍ରୀନଗରର ହ୍ୟାଣ୍ଡ୍ ବ୍ଲକ୍ ଛାପା

**ଉପସ୍ଥାପନ କଳାରେ:-**

- ଶାସ୍ତ୍ରୀୟ ସଂଗୀତ-ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ
- ଶାସ୍ତ୍ରୀୟ ନୃତ୍ୟ-କଥକ, ଭାରତନାଟ୍ୟମ୍, କଥାକଳି ଇତ୍ୟାଦି
- ଆଞ୍ଚଳିକ ସଂଗୀତ-ସୁଫି, ବାଉଲ୍ ଓ ଗିଦ୍ଧା ଇତ୍ୟାଦି
- ଆଞ୍ଚଳିକ ନୃତ୍ୟ-ଭାଙ୍ଗଡ଼ା, ରାସ୍, ବିହୁ ଇତ୍ୟାଦି
- କଣ୍ଢେଇନାଚ-ହାତପଞ୍ଝା କଣ୍ଢେଇ ଯଥା-ପାଓ୍ୱା-କଥାକଳି, ସଖି କଣ୍ଢେଇ ନାଚ ଇତ୍ୟାଦି

**ସମକାଳୀନ କଳାକାର ଓ କାରିଗର**

ଆମ ଦେଶର କେତେକ କାରିଗର ହେଲେ-

ବନମାଳୀ ମହାପାତ୍ର-ଗଞ୍ଜିଫା କାର୍ଡ୍

ବିଜୟ ଯୋଶୀ-ଫାଦ୍ ପେଣ୍ଟିଂ

ଗୋକୁଳବିହାରୀ ପଟ୍ଟନାୟକ-ପଟ୍ଟଚିତ୍ର

ଅବଦୁଲ୍ ଜବର ଖତ୍ରୀ-ବାନ୍ଧିନୀ (ଟାଇ ଓ ଡାଇ)

ଫିର୍‌ଦୋଷ ଅହମ୍ମଦ ଜାନ୍-ପାସ୍‌ମିନା ଶାଲ୍ ବୟନ

କଙ୍କୁବେନ୍ ଲାଲାଭାଇ ପାରମାର୍-ଆପ୍‌ଲିକ୍

କେତେକ ଉପସ୍ଥାପନ କଳାକାର ହେଲେ:-

**ଲୋକଗୀତ ଗାୟକ**

- ଆଲ୍ଲା ଜିଲାଇ ବାଇ
- ପମ୍ପିବାଇ
- ତେଜନ୍ ବାଇ
- ରସମାଇ ବାଲକ୍ରିଷ୍ଣ
- ପାବନ ଦାସ ବାଉଲ୍
- ଭୋପା

କେତେକ ଦଳଗତ ଲୋକନୃତ୍ୟ

- ଗର୍‌ବା
- ନାମଜେନ୍
- କିନ୍ନୌରୀନଟି
- ତେରତାଳି
- ଚାରକୁଲା
- ଲାବଣୀ

- ତମାସା
- ଥାଙ୍ଗ୍ ଟା
- ଚାଙ୍ଗ୍ ଲୁ

**କେତେକ ପାରମ୍ପରିକ ଭାରତୀୟ ରଙ୍ଗମଂଚ ହେଲା:-**

- ପୁରାତନ ସଂସ୍କୃତ ରଙ୍ଗମଂଚର ଏକମାତ୍ର ପ୍ରଚଳିତ ପ୍ରକାର ହେଲା କୁଟିଆଟମ୍ ।
- ଗୁଜରାଟର ଭାଓ୍ୱାଇ
- ବଙ୍ଗଳାର ଯାତ୍ରା
- ହରିଆଣା, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ମାଲଓ୍ୱା ଅଞ୍ଚଳରେ ଲୋକପ୍ରିୟ ସୁଆଙ୍ଗ
- କର୍ଣ୍ଣାଟକର ଯକ୍ଷଗଣ
- କେରଳର ନୃତ୍ୟ-ନାଟିକା କଥାକଳି

**କଣ୍ଢେଇ ନାଚର ବିଭିନ୍ନ ପ୍ରକାର ହେଲା:-**

-ପଞ୍ଝା(ହାତ) କଣ୍ଢେଇ ପ୍ରଦର୍ଶନ କେରଳ (ପାଓ୍ୱା-କଥକଳି), ଓଡ଼ିଶା(ସଖି-କଣ୍ଢେଇନାଚ) ଓ ପଶ୍ଚିମବଙ୍ଗ (ବେନେରପୁଟୁଲନାଚ)ରେ ପ୍ରଚଳିତ ।

-ଆନ୍ଧ୍ରପ୍ରଦେଶ (ଥୋଲୁବୋମାଲତା), କର୍ଣ୍ଣାଟକ (ତୋଗାଲୁ ଗୋମ୍ବେୟାତା),କେରଳ (ତୋଲ୍‌ପାଓ୍ୱାକୋଥୁ), ମହାରାଷ୍ଟ୍ର (ସମାଦ୍ୟାସେ ବାହୁଲ୍ୟ), ଓଡ଼ିଶା ଓ ତାମିଲନାଡୁ (ତୋଲ୍‌ପାଓ୍ୱାଇକୋଥୁ)ରେ ଛାୟା କଣ୍ଢେଇ ରଙ୍ଗମଞ୍ଚ ପ୍ରଦର୍ଶନ ଜାରି ରହିଛି ।

## ୧.୬ ସାରାଂଶ

ଜୀବନ ସହିତ କଳାର ନିବିଡ଼ ସମ୍ବନ୍ଧ ରହିଛି- ବାସ୍ତବରେ ଏହା ଆମ ଚତୁଃପାର୍ଶ୍ୱରେ ରହିଛି । ଆମେ କଳାର ବିଭିନ୍ନ ବସ୍ତୁ ସମୂହ ଦ୍ୱାରା ପରିବେଷ୍ଟିତ । ଏହା ପିଲାମାନଙ୍କୁ ଧରାବନ୍ଧା ପାଠ୍ୟପୁସ୍ତକରୁ ଶିକ୍ଷଣଠାରୁ ଦୂରେଇ ନେଇ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ପ୍ରତ୍ୟେକ ବିଷୟକୁ ଅଧିକ ଆନନ୍ଦଦାୟକ ଓ ଉଦ୍ଦୀପକ କରିପାରେ ଏବଂ ଆତ୍ମନିର୍ଦ୍ଦେଶନ ଶିକ୍ଷଣ ବ୍ୟବସ୍ଥାକୁ ଏହା ଗୁରୁତ୍ୱ ଦେବା ପରି ଶିକ୍ଷଣ ବୃଦ୍ଧି, ଆତ୍ମ ସମ୍ମାନ ବୃଦ୍ଧି କରେ ଏବଂ ଏକ ଶିଶୁର ଧ୍ୟାନକୁ ଉନ୍ନତି କରିବା ସହ ଆତ୍ମଶୃଙ୍ଖଳା ବଢାଏ । ବିଦ୍ୟାଳୟରେ ଅଧିକ ଭଲ ଶିକ୍ଷଣ ଓ ଅଧିକତର ଭଲ ପ୍ରଦର୍ଶନ କରିବା ପାଇଁ ଏହା ପିଲାକୁ ସହାୟତା କରେ । କଳାର ପ୍ରକାର ଉଭୟ ପାରମ୍ପରିକ/ଲୋକକଳା କିମ୍ବା ଶାସ୍ତ୍ରୀୟ ସଂଗୀତ, ନୃତ୍ୟ, ରଙ୍ଗମଞ୍ଚ, କଣ୍ଢେଇନାଚ, ପ୍ରତିକୃତି ନିର୍ମାଣ, ମାଟିପାତ୍ର ନିର୍ମାଣ, ଚିତ୍ର ଅଙ୍କନ ଇତ୍ୟାଦି ଅଟେ । ଶିକ୍ଷଣର ମାଧ୍ୟମ ଭାବରେ କଳାର ବ୍ୟବହାର ଲୋକକଳା, ଭାରତର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିବାରେ ପିଲାକୁ ସାହାଯ୍ୟ କରେ ଏବଂ ସେମାନଙ୍କୁ ସେହିସବୁର ମୂଳର ନିକଟକୁ ନେଇଥାଏ । ଆମ ଦେଶର ଇତିହାସକୁ ଉତ୍ତମ ଭାବରେ ବୁଝିବାରେ ଏହା ମଧ୍ୟ ପିଲାମାନଙ୍କୁ ସାହାଯ୍ୟ କରେ । କଳା ମାଧ୍ୟମରେ ଶିକ୍ଷଣ ପିଲାର ସୃଜନଶକ୍ତି ବିକାଶ କରିବାରେ ସହାୟତା କରେ; ଯାହା ଫଳରେ ପରବର୍ତ୍ତୀ ସମୟରେ ଅନେକ ବୃତ୍ତିଗତ ପଥ ଉନ୍ମୁକ୍ତ ହୋଇଥାଏ । ବିଶେଷ ସହାୟତା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କଳା ମଧ୍ୟ ଅଧିକ ଆବଶ୍ୟକ । ମୋଟାମୋଟି ଭାବରେ ଏହା ଶିକ୍ଷକଙ୍କ ହାତରେ ରହିଛି । ଏକ ବିଷୟକୁ ସରସ/ମଜାଦାର କରିବା ପାଇଁ କେତେ ଉଦ୍ୟମ କରାଯାଇଛି ତାହା ଛାତ୍ରଛାତ୍ରୀଙ୍କ ସକାରାତ୍ମକ ମନୋଭାବ ଓ ଆଗ୍ରହ ଜରିଆରେ ପ୍ରତିଫଳିତ ହୋଇଥାଏ । ଶିକ୍ଷକଙ୍କ ଅତିରିକ୍ତ ଉଦ୍ୟମ ଦୀର୍ଘସ୍ଥାୟୀ ହୋଇଥାଏ ଏବଂ ଦେଶର ଜଣେ ଅଧିକ ଦାୟିତ୍ୱବାନ ଭବିଷ୍ୟତ ନାଗରିକ ଗଢ଼ିତୋଳିବାରେ ସହାୟକ ହୋଇଥାଏ ।

**ଗୁରୁଦେବ ରବୀନ୍ଦ୍ରନାଥ ଠାକୁର କହିଛନ୍ତି,**

" ତାହାହିଁ ସର୍ବୋଚ୍ଚ ଶିକ୍ଷା ଯାହା ଆମକୁ କେବଳ ସୂଚନା ପ୍ରଦାନ କରେନା, ବରଂ ଆମ ଜୀବନକୁ ସବୁସ୍ଥିତିରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କରିଥାଏ ।"

ଟିପ୍ପଣୀ

## ୧.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

- en.wikipedia.org/wiki/Theatre_of_India
- en.wikipedia.org/wiki/List_of_Indian_folk_dances
- www.indianfolkdances.com/folk-dances-india.html
- en.wikipedia.org/wiki/Music_of_India
- download.nos.org/sec225new/Lesson-4.pdf

## ୧.୮ ପାଠାନ୍ତ ପ୍ରଶ୍ନାବଳୀ

**ଶିକ୍ଷଣ କାର୍ଯ୍ୟ- ୧**

-ପିଲାମାନଙ୍କୁ ଆମ ରାଷ୍ଟ୍ରୀୟ ଆନ୍ଦୋଳନ ଏବଂ କିପରି ଭାବରେ ଅନେକ ବଳିଦାନ ପରେ ଆମେ ସ୍ୱାଧୀନତା ପାଇଲେ ଅଧ୍ୟୟନ କରିବାକୁ କୁହ । ତନ୍ମଧ୍ୟରୁ କେଉଁ ଘଟଣା ସେମାନଙ୍କୁ ଅଧିକ ପ୍ରଭାବିତ କଲା । ରାଷ୍ଟ୍ରୀୟ ଆନ୍ଦୋଳନ ସଂକ୍ରାନ୍ତ ସଂଗୀତ ଓ ବୃନ୍ଦଗାନ ସଂଗ୍ରହ କରିବାକୁ ଏବଂ ସ୍ୱାଧୀନତା ସଂଗ୍ରାମ ଓ ତାହାର ଫଳାଫଳର ଅଭିନୟ ଅଥବା ନୃତ୍ୟାଭିନୟ କରିବାକୁ ସେମାନଙ୍କୁ କୁହ ।

-ଭାରତୀୟ ଜାତୀୟ ଆନ୍ଦୋଳନର ବିଭିନ୍ନ ପ୍ରଜ୍ଞାପନ ମେଢ଼ର ଚିତ୍ରଣ ପାଇଁ ଶ୍ରେଣୀକୁ ବିଭିନ୍ନ ଦଳରେ ଭାଗ କର । ୧୮୫୭ ସିପାହୀ ବିଦ୍ରୋହ..... ଜାଲିଆନ୍‌ୱାଲା ବାଗ୍ ଗଣହତ୍ୟା......ଦାଣ୍ଡି ଯାତ୍ରା......ଅସହଯୋଗ ଆନ୍ଦୋଳନ......ସାଇମନ୍ କମିଶନ୍........ଭଗତ ସିଂହଙ୍କ ଆଜୀବନ କାରାଦଣ୍ଡାଦେଶ କାର୍ଯ୍ୟକାରୀ.....ଗାନ୍ଧୀଙ୍କ ଆବିର୍ଭାବ........ସ୍ୱାଧୀନତା ଦିବସରେ ନେହେରୁଙ୍କ ଉଦ୍‌ବୋଧନ ।

**ଶିକ୍ଷଣ କାର୍ଯ୍ୟ- ୨**

ମୃତ୍ତିକାରୁ ସୃଷ୍ଟି: ଏକ ମାଟିପାତ୍ର କର୍ମଶାଳା ଆୟୋଜନ କର ।

କାଦୁଅକୁ ଛୁଇଁବା ଓ ଅନୁଭବ କରିବାର ସାମ୍ବେଦିକ ଅଭିଜ୍ଞତା ପିଲାମାନଙ୍କୁ ପ୍ରଦାନ କର । ତୁମେ ମଧ୍ୟ ସେମାନଙ୍କୁ ନିଜର ସୃଷ୍ଟି ନିମିତ୍ତ ସାହାଯ୍ୟ କରିବା ପାଇଁ ସ୍ଥାନୀୟ କୁମ୍ଭାରକୁ ଆମନ୍ତ୍ରିତ କରିପାର । ବାସ୍ତବରେ ଅନେକ କର୍ମଶାଳାର ଆୟୋଜନ କରାଯାଇପାରିବ । ଦୁଇଟି ମୁଖ୍ୟ ସାଧନୀ ଯଥା ନିଜ ହାତ ଓ ନିଜ ଚକ କୁମ୍ଭାର ଦ୍ୱାରା ବ୍ୟବହୃତ ହୋଇଥାଏ । ସେମାନେ କାନ୍ଥରେ ଟାଙ୍ଗିବା ପାଇଁ ଚଉଡ଼ା ଆଧାରଯୁକ୍ତ ବିଭିନ୍ନ ପ୍ରକାର ଓ ଚିତ୍ରର କଳାକୃତି ପ୍ରସ୍ତୁତ କରିପାରିବେ ।

-ବିଭିନ୍ନ ଆକାର ଓ ଆକୃତିର ମାଠିଆ ମଧ୍ୟ ସେମାନେ ତିଆରି କରିପାରିବେ ଓ ପରବର୍ତ୍ତୀ ସମୟରେ ସେସବୁକୁ ରଙ୍ଗ ଦେବେ ।

-ସେମାନେ ଗଛଲତା ଓ ପଶୁପକ୍ଷୀଙ୍କ ଚିତ୍ର ମଧ୍ୟ ତିଆରି କରିପାରିବେ ।

-ଏପରିକି ଉପଯୋଗୀ ଉପକରଣ ଯଥା-ବାସନକୁସନ, ଷ୍ଟାଣ୍ଡ୍, ଚିତ୍ର, ବିଭିନ୍ନ ପ୍ରକାର ବିଷୟ ଆଧାରିତ ଚିତ୍ର, ଷ୍ଟାମ୍ପ୍, ଦେବଦେବୀଙ୍କ ମୂର୍ତ୍ତି ଇତ୍ୟାଦି ମଧ୍ୟ ପ୍ରସ୍ତୁତ କରାଯାଇ ପାରେ ।

**ଦକ୍ଷତା:**

୧-ଉପଯୁକ୍ତ ପ୍ରକାରର କାଦୁଅ/ମିଶ୍ରଣ ପ୍ରସ୍ତୁତ କରିବା ପାଇଁ ମାଟି ଓ ପାଣିକୁ ମିଶାଇବା ।
୨-ଚକର ଘୂର୍ଣ୍ଣନ ଓ ଘୂରିବା ପାଇଁ ଆବଶ୍ୟକ ପରିମାଣର ବଳ ପ୍ରୟୋଗକୁ ଜାଣିବା ।
୩-ମାଟିକୁ ଉପଯୁକ୍ତ ଆକାର ଦେବା ଶିକ୍ଷା କରିବା ।
୪-ପାତ୍ରକୁ ଶୁଖାଇବା ଏବଂ ଏହାକୁ ଚୂଡ଼ାନ୍ତ ରୂପ ଓ ଆକୃତି ଦେବା ।
୫-ନିଆଁ ଜରିଆରେ ପାତ୍ରକୁ ସଶକ୍ତ କରିବା । ଅଧିକ ଆକର୍ଷଣୀୟ କରିବା ପାଇଁ ଏହାକୁ ବିଭିନ୍ନ କୂଟିକମ କରିବା ।

ଏହା ଦ୍ୱାରା ଏକ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ସହିତ ମାଟିର ବିଭିନ୍ନ ପାତ୍ର ଓ ଆକାରଯୁକ୍ତ ବସ୍ତୁ ତିଆରି ଦକ୍ଷତା ମଧ୍ୟ ବୃଦ୍ଧି ପାଇବ ।

**ଅଭ୍ୟାସ ପ୍ରଶ୍ନାବଳୀ:**

୧-ତୁମେ କେଉଁ ଉକ୍ତି ସହ ଏକମତ? ହଁ କିମ୍ବା ନାଁ ଲେଖ।

- କୌତୁକ ପାଇଁ କଳା ପ୍ରସ୍ତୁତ କରାଯାଇ ପାରେ।
- ପିଲାମାନେ ନିଜକୁ ବଖାଣିବା ପାଇଁ କଳା ଆବଶ୍ୟକ କରନ୍ତି।
- ଫଟୋଉତ୍ତୋଳନ ବୃତ୍ତି ଏକ ମଜାଦାର କଳା।
- ଆମ ପିଲାମାନଙ୍କ ଆବେଗକୁ କଳା ପରିପ୍ରକାଶ କରାଏ।
- କୌଣସି ପ୍ରକାର କଳା ଦ୍ୱାରା ବିଜ୍ଞାନ ଶିକ୍ଷାଦାନ କରାଯାଇ ପାରିବ ନାହିଁ।
- ହସ୍ତକଳା କଳା ନୁହେଁ।
- ଜନଜାତି କଳା ଏତେ ଅସମାନୁପାତିକ ଯେ ଏହାକୁ କଳା କୁହାଯାଇ ନପାରେ।
- ମଣିଷର କଳ୍ପନା, ଦକ୍ଷତା ଏବଂ ଉଦ୍ଭାବନ ଦ୍ୱାରା ସୃଷ୍ଟ ଧାରଣାର ପରିପ୍ରକାଶ ହିଁ କଳା।
- ପ୍ରାଚୀରପତ୍ର, ଟେଲିଭିଜନ୍ ବିଜ୍ଞାପନମାନ, କମ୍ପ୍ୟୁଟର ଖେଳରେ ଆନିମେସନ୍, ପ୍ୟାକେଟର ଡାଙ୍ଗାକରଣ ଏବଂ ଲୋଗୋ ଇତ୍ୟାଦି ପ୍ରଭାବୀ ଦୃଶ୍ୟ ସଂଯୋଜନାକାରୀ-ବାଣିଜ୍ୟିକ କଳା ଅଟନ୍ତି।

-ଆମେ ସମସ୍ତେ ଆଜନ୍ମ ସୃଜନଶୀଳ।

୨-ଯେଉଁଗୁଡ଼ିକ ବିଭିନ୍ନ କଳାର ଗୋଟିଏ ପ୍ରକାର ନୁହେଁ ସେଗୁଡ଼ିକୁ ଠିକ୍ ଚିହ୍ନ ଦିଅ:

ଚିନାମାଟିପାତ୍ର

ମୁଦ୍ରଣ

ଫଟୋଉତ୍ତୋଳନ ବୃତ୍ତି

କୋଲାଜ୍

ଲୋକଗୀତ

ଲୋକ କଳା

ରଙ୍ଗମଞ୍ଚ

୩-ଆମ ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା କୌଣସି ନିର୍ମିତ ବସ୍ତୁ ଯଥା-ମାଟିପାତ୍ର, ତକିଆ ଇତ୍ୟାଦିକୁ ଏକ କଳା କହି ପାରିବା କି?

୪-ପରିପ୍ରକାଶ ଓ ପ୍ରଶଂସା ପାଇଁ ଶିକ୍ଷଣ:

କିଛି ଦିନ ତଳେ ମୁଁ ଏକ ଇ-ମେଲ୍ ପାଇଥିଲି ଯେଉଁଥିରେ ଜଣେ କଳାକାର ଏକ ସମୁଦ୍ରବେଳାର ବାଲିରେ ନିର୍ମାଣ କରିଥିବା କିଛି କଳାକୃତି ରହିଥିଲା। ସେ କ'ଣ ପରିପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି ଗୋଟିଏ ପାରାରେ ବର୍ଣ୍ଣନା କର।



ଟିପ୍ପଣୀ

ଟିପ୍ପଣୀ

୫-ଏହା ଗୋଟିଏ ପୃଷ୍ଠା କାଗଜରୁ ପ୍ରସ୍ତୁତ । ସମାନ ପରିମାଣର ଧାରଣାକୁ ଦର୍ଶାଉଥିବା ଆଉ ଏକ ଉଦାହରଣ ତୁମେ ଦେଇପାରିବ କି ?



୬-ଏକ ଶିଶୁର ଜୀବନ କଳା ଜରିଆରେ ଶିକ୍ଷଣରୁ ଆରମ୍ଭ ହୋଇଥାଏ ମାତ୍ର ପରେ ଏହା ବିଦ୍ୟାଳୟରେ ସମାପନ କରିବାକୁ ଥିବା ଏକ କାର୍ଯ୍ୟର ବୋଝ ହୋଇଯାଏ । ଏହା କାହିଁକି ବର୍ଣ୍ଣନା କର ? ତୁମ ବିଚାରର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଉଦାହରଣ ବା ଘଟଣା ଅଧ୍ୟୟନ ଲେଖ ।

୭- ଗହଣା ତିଆରି ଓ କାଠକାମ ହସ୍ତକଳା ଭାବରେ ପରିଚିତ । ହସ୍ତକଳାଗୁଡ଼ିକ କଳା କି ?

୮-ଠିକ୍ ବିକଳ୍ପକୁ ଚୟନ କର:

- କଥାକଳି, ଭାରତନାଟ୍ୟମ୍, ମଣିପୁରୀ, କଥକ, ଓଡ଼ିଶୀ ଏବଂ କୁଚିପୁଡ଼ି ଏହି ସମସ୍ତ ଲୋକନୃତ୍ୟ/ଶାସ୍ତ୍ରୀୟ ନୃତ୍ୟ ଅଟନ୍ତି ।
- ଜଣେ ନୃତ୍ୟାଙ୍ଗନା ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ହସ୍ତଭଙ୍ଗୀ ମୁଦ୍ରା / ନବରସ ଭାବେ ଜଣା ।
- ଜଣେ ମଞ୍ଚ କଳାକାର ଶାରୀରିକ ଅଙ୍ଗଭଙ୍ଗୀ / ପ୍ରଚାରପତ୍ର ଜରିଆରେ ଯୋଗସୂତ୍ର ସ୍ଥାପନ କରୁଥିବା ପରିବେଷଣକାରୀ ଅଟନ୍ତି ।
- ଏକ ବିଚାର କେବଳ ଗୋଟିଏ / ଏକାଧିକ ଉପାୟରେ ପରିପ୍ରକାଶ କରାଯାଇପାରେ ।
- ଏକ କଳା, କଳା ଅଟେ / କଳା ନୁହେଁ ଯଦି ଏହା ଆନୁପାତିକ ଅଥବା ଲୟର ନିୟମାବଳୀକୁ ଅନୁପାଳନ କରେ ।